ମୁକ୍ତିମଣ୍ଡପ ଓ ପଣ୍ଡିତ ସଭା



ଶ୍ରୀ ଭାସ୍କର ମିଶ୍ର

Digitized by PPRACHIN, SOA

ମୁକ୍ତିମଣ୍ଡପ
ଓ
ପଣ୍ଡିତସଭା

ଶ୍ରୀ ଭାସ୍କର ମିଶ୍ର

ସଦ୍‌ଗ୍ରନ୍ଥ ନିକେତନ

Digitized by PPRACHIN, SOA

ମୁକ୍ତିମଣ୍ଡପ
ଓ
ପଣ୍ଡିତସଭା

ଲେଖକ :
ଶ୍ରୀ ଭାସ୍କର ମିଶ୍ର

ପ୍ରକାଶକ :
ଶ୍ରୀ ଦାମୋଦର ପୁଷ୍ଟାଳକ
ସଦ୍‌ଗ୍ରନ୍ଥ ନିକେତନ,
ଆନନ୍ଦ ବଜାର, ଶ୍ରୀମନ୍ଦିର, ପୁରୀ

ପ୍ରଚ୍ଛଦ ଶିଳ୍ପୀ :
ଶ୍ରୀ ଭୁବନେଶ୍ୱର ମହାପାତ୍ର

ମୁଦ୍ରଣ :
ପଞ୍ଚସଖା ପ୍ରକାଶନ
ସୂତାହାଟ, କଟକ - ୧

ପ୍ରଥମ ସଂସ୍କରଣ ୧୦ - ୮ - ୧୯୯୫

ମୂଲ୍ୟ : ଟ ୧୦/- (ଦଶ ଟଙ୍କା ମାତ୍ର)

Digitized by PPRACHIN, SOA

ଶ୍ରୀ ମହୀମୋହନ ତ୍ରିପାଠୀ, ଓ.ଏ.ଏସ୍ (I)
ପ୍ରଶାସକ, ଶ୍ରୀମନ୍ଦିର, ପୁରୀ ଓ
ଉପ ଶାସନ ସଚିବ, ବିଧି ବିଭାଗ, ଭୁବନେଶ୍ୱର।

ଶ୍ରଦ୍ଧେୟ ଶ୍ରୀ ଭାସ୍କର ମିଶ୍ରଙ୍କ ରଚିତ "ମୁକ୍ତିମଣ୍ଡପ ଓ ପଣ୍ଡିତସଭା" ପୁସ୍ତକର ପାଣ୍ଡୁଲିପି ପାଠ କରି ଅତ୍ୟନ୍ତ ଆନନ୍ଦିତ ହେଲି। ଶ୍ରୀ ମିଶ୍ର ଜଣେ ଉତ୍ସାହୀ ଲେଖକ ଏବଂ ଗବେଷକ। ତାଙ୍କର ଅନେକ ଲେଖା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇଛି। ସମ୍ପ୍ରତି ସେ "ମଠ ସଂସ୍କୃତି" ଉପରେ ଗବେଷଣାରତ। ମୁଁ ଆଶା କରେ "ମୁକ୍ତିମଣ୍ଡପ" ବ୍ୟତୀତ "ମଠ ସଂସ୍କୃତି" ଉପରେ ତାଙ୍କର ଏକ ପୁସ୍ତକ ପ୍ରକାଶ ପାଇବ। ପ୍ରକାଶ ପାଉଥିବା "ମୁକ୍ତିମଣ୍ଡପ ଓ ପଣ୍ଡିତ ସଭା" ପୁସ୍ତକଟି ନିଶ୍ଚିତ ଭାବରେ ଆଦୃତ ହେବ ଏବଂ ଶ୍ରୀଜଗନ୍ନାଥ ସାହିତ୍ୟ ଜଗତକୁ ଏହା ଏକ ମୂଲ୍ୟବାନ୍ ଅବଦାନ ହୋଇ ରହିବ।

Digitized by PPRACHIN, SOA

ମୁଖବନ୍ଧ

୧୯୯୨ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆଦେଶ ପାଇ କେତେକ ଜରୁରୀ କାର୍ଯ୍ୟରେ ଦୀର୍ଘ ୨୦ ଦିନ ଧରି ମୁଁ ଭୁବନେଶ୍ୱରସ୍ଥ ରାଜ୍ୟ ଅଭିଲେଖାଗାରକୁ ଯାଇ ସେଠାରେ ସଂରକ୍ଷିତ ହୋଇ ରହିଥିବା ପ୍ରାୟ ଏକ ଶହ ବର୍ଷରୁ ଉର୍ଦ୍ଧ୍ୱ "ଉତ୍କଳ ଦୀପିକା" ପତ୍ରିକାରୁ ରଥଯାତ୍ରା ବିବରଣୀ ସଂଗ୍ରହ କରିବାର ସୁଯୋଗ ପାଇଥିଲି। ସେହି ଅବକାଶରେ ମୋର ଦୃଷ୍ଟିଗୋଚର ହେଲା ୧୯୦୫ ମସିହା "ଉତ୍କଳ ଦୀପିକା"ରେ ପ୍ରକାଶିତ ଏକ ସମ୍ବାଦ ଉପରେ। ଉକ୍ତ ସମ୍ବାଦ ପତ୍ରରେ ଦେଖିବାକୁ ପାଇଲି "ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା'ର ଗଠନ ସଂପର୍କରେ ଏକ ସମ୍ବାଦ। ଅତ୍ୟନ୍ତ ଉତ୍ସାହର ସହିତ ସେହି ବିବରଣୀଟି ଆମୂଳଚୂଳ ପାଠ କରିବା ସଙ୍ଗେ ସଙ୍ଗେ ତାହାର ଅବିକଳ ନକଲଟି ଲେଖି ଆଣିଥିଲି। ପରବର୍ତ୍ତୀ ସମୟରେ ବିଭିନ୍ନ ପୁସ୍ତକ ଓ ବ୍ୟକ୍ତି ବିଶେଷଙ୍କ ଠାରୁ ମୁକ୍ତିମଣ୍ଡପ ଓ ପଣ୍ଡିତସଭା ସଂପର୍କରେ ତଥ୍ୟ ସଂଗ୍ରହ କରି ଏକ କ୍ଷୁଦ୍ର ପ୍ରବନ୍ଧ ଲେଖିଥିଲି ଓ ଉକ୍ତ ପ୍ରବନ୍ଧଟି "ନବଲିପି" ୧୯୯୨ ମସିହା ରଥଯାତ୍ରା ବିଶେଷାଙ୍କରେ ପ୍ରକାଶ ପାଇଥିଲା। ଲେଖାଟି ପଢ଼ି ଅନେକ ବନ୍ଧୁ ଓ ଶୁଭେଚ୍ଛୁ ମୋତେ ଉତ୍ସାହିତ କରି ଉକ୍ତ ପ୍ରବନ୍ଧଟିକୁ ବିସ୍ତୃତ ଆକାରରେ ପ୍ରକାଶ କରିବା ପାଇଁ ଅନୁରୋଧ ଜଣାଇଥିଲେ। ସେହି ସମୟରେ ପ୍ରଜାତନ୍ତ୍ର ପ୍ରେସ୍ ମ୍ୟାନେଜର ତଥା ମୋର ଘନିଷ୍ଠ ବନ୍ଧୁ ଅସିତ୍ ମହାନ୍ତିଙ୍କ ଉଦ୍ୟମରେ ଏହି ବିସ୍ତୃତ ପ୍ରବନ୍ଧଟି ପୁନର୍ବାର "ପ୍ରଜାତନ୍ତ୍ର"ର ଶନିବାର ସାହିତ୍ୟ ପୃଷ୍ଠାରେ ପ୍ରକାଶ ପାଇଥିଲା। ଦିନେ ପୁରୀଠାରେ ଆୟୋଜିତ ଏକ ସାହିତ୍ୟ ସଭାରେ ମୋର ବନ୍ଧୁ ତଥା ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡଃ ସୁରେନ୍ଦ୍ର

Digitized by PPRACHIN, SOA

କୁମାର ମିଶ୍ର ଏହି ପ୍ରବନ୍ଧଟିକୁ ପୁସ୍ତକ ଆକାରରେ ପ୍ରକାଶ କରିବାପାଇଁ ପରାମର୍ଶ ଦେଲେ। ପାଣ୍ଡୁଲିପିଟିକୁ ପ୍ରସ୍ତୁତ କରିବାପାଇଁ ମୋତେ ଦୀର୍ଘ ଏକ ବର୍ଷ ସମୟ ଲାଗିଥିଲା। ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ସଦ୍‌ଗ୍ରନ୍ଥ ନିକେତନର ପ୍ରୋପାଇଟର୍ ତଥା ପ୍ରକାଶକ ଶ୍ରୀ ଦାମୋଦର ପୁଷ୍ପାଳକ ପୁସ୍ତକଟିର ପ୍ରକାଶନ ଦାୟିତ୍ୱ ଗ୍ରହଣ କରିଥିବାରୁ ମୁଁ, ତାଙ୍କ ନିକଟରେ କୃତଜ୍ଞ।

ପୁସ୍ତକର ପ୍ରସ୍ତୁତି ସମୟରେ ଯେଉଁମାନଙ୍କ ସାହାଯ୍ୟ ତଥା ସହଯୋଗ ଅବିସ୍ମରଣୀୟ, ସେମାନେ ହେଲେ ଅଗ୍ରପୂଜ୍ୟ ଶ୍ରୀମନ୍ଦିର ଦେଉଳ ପୁରୋହିତ ତଥା ମୁକ୍ତିମଣ୍ଡପାଧିକାରୀ ପଣ୍ଡିତ ହରିହର ମହାପାତ୍ର, ବିଶିଷ୍ଟ ଗବେଷକ ଡଃ ସତ୍ୟନାରାୟଣ ରାଜଗୁରୁ, ଆଇନ୍ ବିଭାଗର ଉପଶାସନ ସଚିବ ତଥା ଶ୍ରୀମନ୍ଦିର ପ୍ରଶାସକ ଶ୍ରୀ ମହୀମୋହନ ତ୍ରିପାଠୀ, ଗବେଷକ ଶ୍ରୀ ଶତର ଚନ୍ଦ୍ର ମହାପାତ୍ର, ସୁଲେଖିକା ଶ୍ରୀମତୀ ବସନ୍ତ କୁମାରୀ ଦେବୀ। ସେମାନଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି।

ସଂପ୍ରତି "ମୁକ୍ତିମଣ୍ଡପ" ନାମରେ ଏକାଧିକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଯଥା ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା, ମୁକ୍ତିମଣ୍ଡପ ସଭା, ମୁକ୍ତିମଣ୍ଡପ ପଣ୍ଡିତ ସଭା, ମୁକ୍ତିମଣ୍ଡପ ସଂସ୍କାର କମିଟି ସଭା ଆଦି ଅନ୍ୟତମ। ଏଥିମଧ୍ୟରୁ ମୁକ୍ତିମଣ୍ଡପ ସଂସ୍କାର କମିଟି ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲିଖିତ ବ୍ରାହ୍ମଣ ଶାସନ ବ୍ୟତୀତ ଓଡ଼ିଶାର ପ୍ରତ୍ୟେକ ଶ୍ରୋତୀୟ ବ୍ରାହ୍ମଣମାନଙ୍କୁ ଉକ୍ତ ଅନୁଷ୍ଠାନର ସଭ୍ୟରୂପେ ଗ୍ରହଣ କରିବେ ବୋଲି ସିଦ୍ଧାନ୍ତ ନେଇଛନ୍ତି। ପୁସ୍ତକଟିର ପ୍ରଥମ ସଂସ୍କରଣରେ ଯଦି କିଛି ଭୁଲ୍ ତଥ୍ୟ ରହିଯାଇଥାଏ କିମ୍ବା "ମୁକ୍ତିମଣ୍ଡପ" ସଂପର୍କରେ ନୂତନ ତଥ୍ୟ ମିଳେ, ପରବର୍ତ୍ତୀ ସଂସ୍କରଣରେ ନିଶ୍ଚୟ ପ୍ରକାଶ କରିବି।

ଜୟ ଜଗନ୍ନାଥ

ଭାସ୍କର ମିଶ୍ର

Digitized by PPRACHIN, SOA

ଶ୍ରୀ ମନ୍ଦିରରେ ଅଦ୍ୟାବଧି କେତେକ କ୍ଷୁଦ୍ରମଣ୍ଡପ, ମନ୍ଦିର, ଦେବାଦେବୀଙ୍କ ସଂପର୍କରେ ପୂର୍ଣ୍ଣ ତଥ୍ୟଭିତ୍ତିକ ବିବରଣୀ ପ୍ରକାଶ ପାଇପାରିନାହିଁ। ମୁଖ୍ୟ ମନ୍ଦିର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂପର୍କରେ ଗବେଷଣା ହେଉଥିଲେ ମଧ୍ୟ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ବିଭିନ୍ନ ମଣ୍ଡପ ସଂପର୍କରେ ଅନେକ ତଥ୍ୟ ଲୁକ୍କାୟିତ ହୋଇ ରହିଅଛି। ଓଡ଼ିଶାର ଧର୍ମ, ସାହିତ୍ୟ, ସଂସ୍କୃତିକୁ ମୁକ୍ତିମଣ୍ଡପ ବିଭିନ୍ନ ଭାବରେ ପ୍ରଭାବିତ କରି ଆସିଛି ବିଗତ କିଛି ଶତାବ୍ଦୀ ଧରି। ଶ୍ରୀମନ୍ଦିରରେ ଅବସ୍ଥିତ ଏହି ସୁପ୍ରାଚୀନ ଅନୁଷ୍ଠାନ ଯାହା ଦିନେ ଥିଲା ଉତ୍କଳର ଶ୍ରେଷ୍ଠ ବିଦ୍ୱାନ ତଥା ପଣ୍ଡିତ ବ୍ରାହ୍ମଣବର୍ଗଙ୍କର ସଭା। ସେ ସଂପର୍କରେ ମୋର ପ୍ରିୟ ବନ୍ଧୁ ତଥା ଶ୍ରୀମନ୍ଦିରର ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଭାସ୍କର ମିଶ୍ର ମୁକ୍ତିମଣ୍ଡପ ସଂପର୍କରେ ଏକ ପୁସ୍ତକ ପ୍ରସ୍ତୁତ କରିଛନ୍ତି। ଆଜିର ପବିତ୍ର ଦିବସରେ ଏହି ପୁସ୍ତକଟି ପ୍ରକାଶିତ ହେବା ଅବସରରେ ଶ୍ରୀଜୀଉଙ୍କ ପାଦପଦ୍ମରେ ଅର୍ପଣ କରି ବିନମ୍ର ପ୍ରଣତି ଜଣାଉଛି।

ବିନୀତ

ଦାମୋଦର ପୁଷ୍ଟାଳକ

ପ୍ରକାଶକ

Digitized by PPRACHIN, SOA

ମୁକ୍ତିମଣ୍ଡପ

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଇତିହାସ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ବିଶ୍ୱ ତଥା ସର୍ବ ଭାରତୀୟସ୍ତରରେ ସୁପରିଚିତ। ଶ୍ରୀମନ୍ଦିର ମଧ୍ୟରେ ଥିବା ମୁଖ୍ୟ ମନ୍ଦିରକୁ ବାଦ୍ ଦେଲେ ଅନେକଗୁଡ଼ିଏ ପାର୍ଶ୍ୱ ଦେବତା, ମନ୍ଦିର, ମଣ୍ଡପ, ଉପବନ ଓ ଦୁଇ ବୃହତ୍ ପାଚେରୀର କିଛି ନା କିଛି ପୌରାଣିକ ତଥା ଐତିହାସିକ ପ୍ରାମାଣିକତା ରହିଅଛି। ତନ୍ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିରରେ ଥିବା 'ମୁକ୍ତିମଣ୍ଡପ' ଅନ୍ୟତମ ଓ ଗୁରୁତ୍ୱପୂର୍ଣ୍ଣ ଅଟେ। କିମ୍ୱଦନ୍ତୀ ଅନୁଯାୟୀ ବିଷ୍ଣୁ ଭକ୍ତ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ବିଗ୍ରହଙ୍କୁ ନୀଳାଚଳ ଶିଖରରେ ନିର୍ମିତ ଶ୍ରୀମନ୍ଦିରର ପ୍ରତିଷ୍ଠା ନିମନ୍ତେ ବ୍ରହ୍ମର୍ଷି ନାରଦଙ୍କ ସହ ବ୍ରହ୍ମଲୋକ ଯାତ୍ରା କରି ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବାରେ ବ୍ରହ୍ମା ସମସ୍ତ ଦେବଗଣଙ୍କ ସହ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ନୀଳାଚଳ ଧାମରେ ପଦାର୍ପଣ କରି ଶ୍ରୀମନ୍ଦିର ଅନ୍ତର୍ବେଦୀରେ ଶ୍ରୀଜଗନ୍ନାଥାଦି ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ନିର୍ମିତ ଯଜ୍ଞ ମଣ୍ଡପରେ ବିରାଜମାନ କରି ପ୍ରତିଷ୍ଠା ଉତ୍ସବର ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରି ଥିଲେ। ତେଣୁ ସେହି ମଣ୍ଡପର ନାମ 'ଯଜ୍ଞ ମଣ୍ଡପ', 'ବ୍ରହ୍ମ ବେଦୀ', 'ବ୍ରହ୍ମାସନ', 'ମୋକ୍ଷ ମଣ୍ଡପ' ଇତ୍ୟାଦି ନାମରେ କଥିତ ଅଛି। ଏହାର ଅଧୁନାନ୍ତ ନାମ ହେଉଛି ମୁକ୍ତି ମଣ୍ଡପ। ପ୍ରତାପରୁଦ୍ରଙ୍କ ରାଜତ୍ୱ କାଳରୁ (ଷୋଡ଼ଶ ଶତାବ୍ଦୀରେ) ଏହି ମଣ୍ଡପଟିର ଏପରି ନାମକରଣ ହୋଇଥିବାର ଜଣାଯାଏ।

ଶ୍ରୀମନ୍ଦିର ଜଗମୋହନର ଦକ୍ଷିଣ ଦ୍ୱାର ସାମନାରେ ଏହି ମୁକ୍ତି ମଣ୍ଡପ ଅବସ୍ଥିତ। (ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଭିତର ବେଢ଼ାର କ୍ରମିକ ନଂ ୧୩୨ ଓ ପ୍ଲଟନଂ – ୮୨ରେ ମୁକ୍ତିମଣ୍ଡପ ଅବସ୍ଥିତ।) ଐତିହାସିକ ଶ୍ରୀ କେଦାର ନାଥ ମହାପାତ୍ର ତାଙ୍କ ରଚିତ 'ଖୁରୁଧା ଇତିହାସ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ, – ''ତ୍ରୟୋଦଶ ବା ଚତୁର୍ଦ୍ଦଶ ଶତାବ୍ଦୀରେ ରଚିତ କାଶୀ ମାହାତ୍ମ୍ୟ

Digitized by PPRACHIN, SOA

ପ୍ରଚାରକ 'କାଶିଖଣ୍ଡ' ନାମକ ସଂସ୍କୃତ ଗ୍ରନ୍ଥରେ କାଶୀସ୍ଥିତ 'ମୁକ୍ତିମଣ୍ଡପ'ର ନାମ ଉଲ୍ଲେଖ ରହିଅଛି। ଏହାର ଅନୁକରଣରେ ପୁରୀ ଜଗନ୍ନାଥ ମନ୍ଦିରର ଭିତର ବେଢ଼ାରେ ଏକ ମୁକ୍ତି ମଣ୍ଡପ ପ୍ରତିଷ୍ଠିତ ହୋଇଥିବା ସମ୍ଭବ। କିନ୍ତୁ ଏହାର ପ୍ରତିଷ୍ଠାକାଳ ଏପର୍ଯ୍ୟନ୍ତ ଅଜ୍ଞାତ। ପ୍ରସିଦ୍ଧ ଉତ୍କଳୀୟ ପଞ୍ଚସଖାଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ଭକ୍ତ କବି ବଳରାମ ଦାସଙ୍କ 'ବେଦାନ୍ତ ସାର ଗୁପ୍ତ ଗୀତା'ରେ ବର୍ଣ୍ଣିତ ଅଛି ଯେ—

× × × ×

ରୁଦ୍ର ଅଂଶରେ ଗଜପତି ପ୍ରତାପରୁଦ୍ର ସେ ନୃପତି ।।
ତାହାର ସପ୍ତଦଶ ଅଙ୍କେ ମକର ମାସ ଶୁକ୍ଳ ପକ୍ଷ ।
ଶ୍ରୀ ଏକାଦଶୀ ଗୁରୁବାର ମୁକ୍ତ ମଣ୍ଡପ ମଧ୍ୟର ।
ବିପ୍ର ଯେ ଜପ ସ୍ତୁତି ସାରି ବସିଲେ ବେଦାନ୍ତ ବିଚାରି ।।
ସେ ବଳଭଦ୍ର ରାଜଗୁରୁ ସମସ୍ତ ବିଦ୍ୟାରେ ସେ ଗୁରୁ ।।

× × × ×

ଏହି ପଦ୍ୟାଂଶ ଅନୁଯାୟୀ ବଳଭଦ୍ର ରାଜଗୁରୁ ସେ ସମୟର ଜଣେ ପ୍ରସିଦ୍ଧ ପଣ୍ଡିତ ତଥା ବେଦାନ୍ତବିତ୍ ଥିଲେ। ପ୍ରତାପରୁଦ୍ରଙ୍କ ୧୭ ଅଙ୍କ, ୧୬-୮-୧୫୧୦ରୁ ୪-୯-୧୫୧୧ ପର୍ଯ୍ୟନ୍ତ ଚଳିଥିଲା। ଉକ୍ତ ବିବରଣୀରୁ ନିଃସନ୍ଦେହରେ ଜଣାଯାଏ ଯେ ୧୫୧୧ ଖ୍ରୀଷ୍ଟାବ୍ଦ ବେଳକୁ ପୁରୀ ଶ୍ରୀମନ୍ଦିରରେ ଅବସ୍ଥିତ 'ମୁକ୍ତିମଣ୍ଡପ' ସୁପ୍ରତିଷ୍ଠିତ ଥିଲା। ଏତଦ୍‌ବ୍ୟତୀତ ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରେ ରଚିତ କବି ଦେବ ଦୁର୍ଲ୍ଲଭ ଦାସଙ୍କ 'ରହସ୍ୟ ମଞ୍ଜରୀ' କାବ୍ୟର ପ୍ରଥମ ଛାନ୍ଦରେ ଜଗନ୍ନାଥଙ୍କ ବନ୍ଦନାରେ ଏହି 'ମୁକ୍ତିମଣ୍ଡପ' ଶବ୍ଦ ଉଲ୍ଲେଖ ରହିଛି—

''କଳପ ମହୀରୁଟ ନିକଟେ।
ମୁକ୍ତିମଣ୍ଡପ ବିଚିତ୍ର ଥାନ ଘଟେ—ଶ୍ରୀ ଜଗନ୍ନାଥ।''

ସେହିପରି ପ୍ରାଚୀନ ଗ୍ରନ୍ଥ ଶବ୍ଦ କଳ୍ପଦ୍ରୁମରେ ବର୍ଣ୍ଣିତ ଅଛି ଯେ, ''ମୁକ୍ତିଦାୟକଃ ମଣ୍ଡପଃ, ଯଦ୍‌ବା ମୁକ୍ତେ ମଣ୍ଡପଃ''। ପୁନଶ୍ଚ ଆଇନ୍-ଇ-ଆକବରୀରୁ ଜଣାଯାଏ ଯେ ମୋଗଲମାନଙ୍କ ରାଜତ୍ୱ ସମୟରେ ଆକବରଙ୍କ ପ୍ରଧାନ ସେନାପତି ରୂପେ ହିନ୍ଦୁରାଜା ମାନସିଂହଙ୍କ ଓଡ଼ିଶା ଆଗମନ କାଳରେ ପୁରୀ ଶ୍ରୀମନ୍ଦିର ପରିଦର୍ଶନରେ ଆସିଥିଲେ। ତାଙ୍କ ରାଣୀ ମୁକ୍ତେଶ୍ୱରୀ ମହାଦେଈଙ୍କ ସ୍ମୃତି ଉଦ୍ଦେଶ୍ୟରେ ବର୍ତ୍ତମାନର

Digitized by PPRACHIN, SOA

ମୁକ୍ତିମଣ୍ଡପର ପୁନଃ ନିର୍ମାଣ କରିଥିଲେ। ଐତିହାସିକ ଶ୍ରୀ ମହାପାତ୍ରଙ୍କ ମତ ଅନୁଯାୟୀ ମାନସିଂହ ୧୫୯୨ରେ ଶ୍ରୀଜଗନ୍ନାଥ ମନ୍ଦିରକୁ ଦର୍ଶନ କରିବା ପାଇଁ ଆସିଥିଲେ। ଏହାର ସ୍ମୃତି ରକ୍ଷା ନିମିତ୍ତ ଗୌରରାଣୀ ବର୍ତ୍ତମାନର ମୁକ୍ତିମଣ୍ଡପ ନିର୍ମାଣ କରିଥିଲେ। ଐତିହାସିକ ୰ ପଣ୍ଡିତ କୃପାସିନ୍ଧୁ ମିଶ୍ର 'ଉତ୍କଳ ଇତିହାସ' ଗ୍ରନ୍ଥରେ ଲେଖିଛନ୍ତି ଯେ, ''ମାନସିଂହଙ୍କ ସ୍ତ୍ରୀ ଗୌର ରାଣୀ ରାମଚନ୍ଦ୍ର ଦେବଙ୍କ ୧୪ ଅଙ୍କ ଖ୍ରୀ: ୧୫୮୦ରେ, ପୂର୍ବରୁ ଥିବା ମଣ୍ଡପକୁ ବଢ଼ାଇ, ବର୍ତ୍ତମାନର ଥିବା ମୁକ୍ତିମଣ୍ଡପ ନିର୍ମାଣ କରାଇଲେ।'' ପ୍ରତାପରୁଦ୍ରଙ୍କ ବେଳୁ ମୁକ୍ତି ମଣ୍ଡପର ନିର୍ମାଣ ଆରମ୍ଭ ହୋଇଥିଲା। ଗୌର ପାଟ ମହାଦେଈ ତାହାର ନିର୍ମାଣ କର୍ମ ସମାପନ କଲେ। ତତ୍ ପୂର୍ବରୁ ଚାରି ସାମନ୍ତଙ୍କର ୪ ଖମ୍ବ ଓ ଲହଡ଼ି ମୁଦାରେ ଶ୍ରୀ ଷଡ଼ଭୂଜ ଗୌରାଙ୍ଗଙ୍କ ବେଢ଼ା କୀର୍ତ୍ତନର ଦୃଶ୍ୟ ସ୍ଥାପିତ ହୋଇଥିଲା। ଶ୍ରୋତୀୟ ବ୍ରାହ୍ମଣମାନେ ଏପରି ମୂର୍ତ୍ତିକୁ ବ୍ରହ୍ମାସନରେ ରଖିବାକୁ ପସନ୍ଦ କରି ନଥିଲେ। ଏପରି ଅନଧିକାର ପ୍ରୟୋଗ ଓ ନୀତି ବିରୁଦ୍ଧ କାର୍ଯ୍ୟରେ ପ୍ରତିବାଦ କରି ସେହି ସମୟରେ ବଡ଼ ପରିଚ୍ଛା ଗୋଦାବର ରାଜଗୁରୁ ପୁରୁଷୋତ୍ତମ କ୍ଷେତ୍ର ଛାଡ଼ି ବାଣପୁର ଶାଳିଆ ନଦୀ ତଟସ୍ଥ ତୁମରାୟପୁଟକୁ ଚାଲି ଯାଇଥିଲେ। ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସଙ୍କ ରଚିତ 'ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ' ପୁସ୍ତକରେ ଉଲ୍ଲେଖ ହୋଇଛି ଯେ,—'ରାଜା ମାନସିଂହ ଦିଲ୍ଲୀ ସମ୍ରାଟ ଆକବରଙ୍କର ମନ୍ତ୍ରୀ ଥିଲେ, ସେ ଓଡ଼ିଶାକୁ ଆସି ଖୋର୍ଦ୍ଧା ସିଂହାସନ ସମ୍ପର୍କରେ ଯେଉଁ ବିବାଦ ହୋଇଥିଲା, ତା'ର ନିଷ୍ପତ୍ତି କରି ଭୋଇ ବଂଶର ରାମଚନ୍ଦ୍ର ଦେବଙ୍କୁ ରାଜା ବୋଲି ଘୋଷଣା କରିଥିଲେ।'' ପୁନଶ୍ଚ ପଣ୍ଡିତ ଦାଶ ମାଦଳାପାଞ୍ଜିରୁ ଉଦ୍ଧୃତ କରି ଲେଖିଛନ୍ତି ଯେ, ''ରାମଚନ୍ଦ୍ର ଦେବ (ଭୋଇବଂଶ)ଙ୍କ ଅ୧୪ଙ୍କେ ମାନସିଂହଙ୍କ ଭାର୍ଯ୍ୟା ଗୌରରାଣୀ ବଡ଼ଦେଉଳ ମୁକୁତି ମୋଣ୍ଡପ ଗଢ଼ାଇଲେ।'' ଏପରିକି ଏହି ମଣ୍ଡପକୁ ଭୋଇ ବଂଶର ରାଜା ପ୍ରଥମ ରାମଚନ୍ଦ୍ର ଦେବ (ଖ୍ରୀ୧୫୬୮ – ୧୬୦୭)ଙ୍କ ସମୟରେ ମୋଗଲ ସେନାପତି ରାଜା ମାନସିଂହଙ୍କ ପତ୍ନୀ ଗୌର ମହାଦେବୀ ନିର୍ମାଣ କରାଇଥିବା ବିଷୟ ମାଦଳାପାଞ୍ଜିରେ ଉଲ୍ଲେଖ ରହିଛି ବୋଲି ଜଗବନ୍ଧୁ ପାଢ଼ୀଙ୍କ ରଚିତ 'ଶ୍ରୀକ୍ଷେତ୍ର ଦର୍ଶନ' ପୁସ୍ତକରେ ପ୍ରକାଶ ହୋଇଛି। ଅପରପକ୍ଷରେ ହରେକୃଷ୍ଣ ମହତାବ 'ଓଡ଼ିଶା ଇତିହାସ' ପୁସ୍ତକରେ ଦର୍ଶାଇଛନ୍ତି ଯେ, 'ମୁକ୍ତିମଣ୍ଡପ' ପ୍ରତାପରୁଦ୍ର ଦେବଙ୍କ ସମୟରୁ ନିର୍ମିତ ହୋଇଥିଲେ ମଧ୍ୟ ରାମଚନ୍ଦ୍ର ଦେବଙ୍କ ସମୟରୁ ଏହା ଓଡ଼ିଶାର ହିନ୍ଦୁ ସମାଜରେ ବିଧାନଦାତା ରୂପେ ବ୍ୟବହୃତ ହୋଇଥିଲା। କିନ୍ତୁ ୧୫୮୦ ଖ୍ରୀଷ୍ଟାବ୍ଦରେ ମାନସିହଙ୍କ ପତ୍ନୀ ଗୌରରାଣୀଙ୍କ ଦ୍ୱାରା ମୁକ୍ତିମଣ୍ଡପ ନିର୍ମାଣ ସମୟ ଭ୍ରମାତ୍ମକ, କାରଣ ଖ୍ରୀ.

Digitized by PPRACHIN, SOA

୧୫୮୦ରେ ମାନସିଂହ ଓଡ଼ିଶା ଆସି ନଥିଲେ। ଖୁବ୍ ସମ୍ଭବ ଜଗନ୍ନାଥ ମାହାତ୍ମ୍ୟଙ୍କ ସହିତ ସେତେବେଳକାର ମୋଗଲ ଶାସକ ମାନସିଂହଙ୍କ କର୍ତ୍ତୃତ୍ୱ ମିଶାଇ ଦେବାପାଇଁ ମୁକ୍ତିମଣ୍ଡପକୁ ତାଙ୍କ ସହିତ ସମ୍ପୃକ୍ତ କରାହୋଇଥିବ ଓ ତଦନୁସାରେ ଜନଶ୍ରୁତି ଗଡ଼ି ଆସି ଇତିହାସରେ ସ୍ଥାନ ପାଇଛି। ଅପରପକ୍ଷରେ ଏହାର ନିର୍ମାଣ ୧୫୯୨ ଖ୍ରୀଷ୍ଟାବ୍ଦରେ ହୋଇଛି ବୋଲି କେତେକ ଐତିହାସିକ ନିଜସ୍ୱ ମତ ପ୍ରଦାନ କରିଛନ୍ତି।

ଖ୍ରୀ. ୧୭୫୮ରୁ ୧୭୬୭ ମଧ୍ୟରେ ରଚିତ ହୋଇଥିବା ସଂସ୍କୃତ ରଚନା 'ଗଙ୍ଗ ବଂଶାନୁଚରିତମ୍' ପୁସ୍ତକରେ ଓଡ଼ିଶାର ବିଖ୍ୟାତ ଗଙ୍ଗବଂଶ ରାଜାମାନଙ୍କ ଇତିହାସ ବର୍ଣ୍ଣନା କରାଯାଇଛି। ପୁରୁଷୋତ୍ତମ କ୍ଷେତ୍ର ବା ପୁରୀ ମନ୍ଦିରର ବର୍ଣ୍ଣନା ସହିତ ରଥ ଯାତ୍ରାର ବର୍ଣ୍ଣନା ମଧ୍ୟ କରାଯାଇଛି। ଲେଖକଙ୍କ କାବ୍ୟର ନାୟକ ବିଦ୍ୟାର୍ଣ୍ଣବ ଓ ତାଙ୍କର ସ୍ତ୍ରୀ ଲୀଳାବତୀ ଶ୍ରୀକ୍ଷେତ୍ରର ରଥଯାତ୍ରା ଦେଖିବାକୁ ଆସିଛନ୍ତି। ସେମାନେ ପାରଳାଖେମୁଣ୍ଡି ନିକଟସ୍ଥ ମହେନ୍ଦ୍ରଗିରି ନିକଟରେ ବୋଇତରେ ବସି ପୁରୀ ଯାଏଁ ଆସି ସ୍ୱର୍ଗଦ୍ୱାରଠାରେ ଓହ୍ଲାଇଛନ୍ତି। ବିଦ୍ୟାର୍ଣ୍ଣବ ଓ ଲୀଳାବତୀଙ୍କୁ ସଙ୍ଗରେ ନେଇ ପ୍ରତିହାରୀ ମନ୍ଦିର ଦେଖାଇବା କଥା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ମୁକ୍ତିମଣ୍ଡପ ନିକଟରେ ପ୍ରତିହାରୀ କହୁଛନ୍ତି— ସଖା! ଏ ହେଉଛି ବିଦ୍ୱାନ୍ ମଣ୍ଡଳୀ ମଣ୍ଡିତ ମୁକ୍ତିମଣ୍ଡପ, ପ୍ରଣାମ କର। ତତ୍ପରେ ବିଦ୍ୟାର୍ଣ୍ଣବ ପଣ୍ଡିତମାନଙ୍କୁ ପ୍ରଣାମ କରି ନୃସିଂହନାଥଙ୍କୁ ବନ୍ଦନା କରିଥିବା କଥା ଉକ୍ତ ପୁସ୍ତକରୁ ଜଣାଯାଏ, ଏଥିରୁ ଅନୁମିତ ହୁଏ ଯେ, ସପ୍ତଦଶ ଶତାବ୍ଦୀରେ ମୁକ୍ତିମଣ୍ଡପରେ ପଣ୍ଡିତ ବିଦ୍ୱାନ ମଣ୍ଡଳୀଙ୍କର ପ୍ରତ୍ୟହ ସମାବେଶ ହେଉଥିଲା।

ଐତିହାସିକ ତଥା ଗବେଷକ ପଦ୍ମଶ୍ରୀ ଡଃ ସତ୍ୟନାରାୟଣ ରାଜଗୁରୁ ପୁରୀର ପ୍ରାଚୀନ ପୁରୁଷୋତ୍ତମ ମନ୍ଦିର (ବର୍ତ୍ତମାନର ନୃସିଂହ ମନ୍ଦିର) ସମ୍ମୁଖରେ ଏକ ଅସ୍ଥାୟୀ ନାଟ୍ୟଶାଳା ଚୋଡ଼ଗଙ୍ଗ ନିର୍ମାଣ କରିଥିବା ସମ୍ଭବ। ବହୁ ବର୍ଷ ପରେ ସେହି ମନ୍ଦିରରୁ ଦେବଦେବୀଙ୍କ ମୂର୍ତ୍ତିମାନଙ୍କୁ ବଡ଼ ଦେଉଳର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣ ହେଲା ପରେ ମହାରାଜା ଅନଙ୍ଗଭୀମ ଦେବ ଖ୍ରୀ: ୧୨୩୦ ସାଲରେ ପ୍ରତିଷ୍ଠା କରିବାରୁ ପ୍ରାଚୀନ ମନ୍ଦିର ସମ୍ମୁଖରେ ଥିବା ସେହି ଅସ୍ଥାୟୀ 'ନାଟ୍ୟଶାଳା' ବା 'ନାଟ୍ୟମଣ୍ଡପ' ଭାଙ୍ଗି ସେଠାରେ ବହୁକାଳ ପରେ 'ମୁକ୍ତିମଣ୍ଡପ' ନିର୍ମିତ ହୋଇଥିଲା ବୋଲି ପ୍ରକାଶ କରିଛନ୍ତି। 'ମୁକ୍ତିମଣ୍ଡପ'ର ପ୍ରାଚୀନତା ସଂପର୍କରେ ଗବେଷକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ରଙ୍କ ମତାନୁଯାୟୀ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ବର୍ତ୍ତମାନର ନୃସିଂହ ମନ୍ଦିରରୁ ମିଳିଥିବା ଶିଳାଲେଖରୁ ଜଣାପଡ଼େ

Digitized by PPRACHIN, SOA

ଯେ ମୁଖ୍ୟ ମଁନ୍ଦିର ନିର୍ମାଣ ପୂର୍ବରୁ ଶ୍ରୀଜଗନ୍ନାଥ , ବଳଭଦ୍ର, ସୁଭଦ୍ରା ବିଗ୍ରହ ମୁକ୍ତିମଣ୍ଡପ ନିକଟରେ ଥିବା ନୃସିଂହ ମନ୍ଦିରରେ ପୂଜିତ ହେଉଥିଲେ। ବିଭିନ୍ନ ଦାନ ସମ୍ବନ୍ଧୀୟ ଶିଳାଲେଖରେ ଶ୍ରୀପୁରୁଷୋତ୍ତମଙ୍କୁ ଅଖଣ୍ଡ ଦୀପ ଦାନରୁ ପ୍ରମାଣ ମିଳେ ଯେ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ବର୍ତ୍ତମାନ ମନ୍ଦିର ପୂର୍ବରୁ ନୃସିଂହଙ୍କ ମନ୍ଦିରରେ ପୂଜା ପାଉଥିବା ଶ୍ରୀପୁରୁଷୋତ୍ତମଙ୍କର ସାମନାରେ ନିଶ୍ଚିତ ଭାବରେ ମୁକ୍ତି ପ୍ରାଙ୍ଗଣ ବା ମୁକ୍ତିମଣ୍ଡପ ଥିବ। ପ୍ରତିଷ୍ଠା ସମୟରେ ଏହି ମୁକ୍ତିମଣ୍ଡପରେ ଯଜ୍ଞାଦି କାର୍ଯ୍ୟ ହୋଇଥିବ ଏବଂ ଯଜ୍ଞ ନୃସିଂହ ମୂଳ ବିଗ୍ରହ ନୂତନ ନିର୍ମିତ ଅନ୍ୟ ମନ୍ଦିରକୁ ସ୍ଥାନାନ୍ତରିତ ହେବାପରେ ବର୍ତ୍ତମାନର ନୃସିଂହ ବିଗ୍ରହ ଏହି ମନ୍ଦିରରେ ସ୍ଥାପିତ ହୋଇଥିବେ। ୧୧୪୨ ଖ୍ରୀଷ୍ଟାବ୍ଦରେ ରାଜା ଚୋଡ଼ଗଙ୍ଗ ଦେବ ତାଙ୍କର ପୁତ୍ର କାମାର୍ଣ୍ଣବଙ୍କୁ ରାଜ୍ୟ ଭାର ଅର୍ପଣ କରିଥିଲେ। ମହାରାଜା ଚୋଡ଼ଗଙ୍ଗଙ୍କ ମୃତ୍ୟୁ ହୋଇଥିଲା ୧୧୪୭ ଖ୍ରୀଷ୍ଟାବ୍ଦରେ। ୧୧୪୨ରୁ ୧୧୪୭ ମସିହା ପର୍ଯ୍ୟନ୍ତ ନିଶ୍ଚିତ ଭାବରେ ମହାରାଜା ଚୋଡ଼ଗଙ୍ଗ ଦେବ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି ମନ୍ଦିର ନିର୍ମାଣ କାର୍ଯ୍ୟ ତତ୍ତ୍ୱାବଧାନ କରୁଥିଲେ। ସେ ଜଣେ ଅତ୍ୟନ୍ତ ବିଦ୍ୱାନ ଏବଂ ରାଜନୀତି ପ୍ରବୀଣ ବ୍ୟକ୍ତି ହୋଇଥିବାରୁ ନିଃସନ୍ଦେହରେ ଏହା ଅନୁମାନ କରାଯାଇପାରେ ଯେ ତାଙ୍କ ସହିତ ଆସିଥିବା ପଣ୍ଡିତମାନେ ଏବଂ ପୂର୍ବ ରାଜତ୍ୱକାଳର ଅର୍ଥାତ୍ ସୋମବଂଶୀ ରାଜାଙ୍କ ସମୟରୁ ପଣ୍ଡିତମାନେ ତାଙ୍କ ସହ ଶ୍ରୀକ୍ଷେତ୍ରରେ ଥିବେ। ଚୋଡ଼ଗଙ୍ଗ ଦେବଙ୍କର ଶ୍ରୀକ୍ଷେତ୍ରରେ ଅବସ୍ଥାନର ପ୍ରମାଣ ଚୁଡ଼ଙ୍ଗ ସାହି, ଚୁଡ଼ଙ୍ଗ ପୋଖରୀ ଏବଂ ବଡୁ ମହାପାତ୍ର ଜାଗାରେ ଥିବା ଚୋଡ଼ଗଙ୍ଗ ଦେବଙ୍କ 'ପ୍ରତିମୂର୍ତ୍ତି, ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିବା ତ୍ରିକଳିଙ୍ଗ ଚକ୍ରବର୍ତ୍ତୀ ମହାରାଜା ଚୋଡ଼ଗଙ୍ଗ ଦେବ ତାଙ୍କର ଶେଷ ଜୀବନରେ ଶ୍ରୀକ୍ଷେତ୍ରରେ ପଣ୍ଡିତ ମାନଙ୍କ ସହ ଧର୍ମଶାସ୍ତ୍ର ଓ ଶିଳ୍ପଶାସ୍ତ୍ର ଆଲୋଚନା ସର୍ବୋପରି ମୁଖ୍ୟ ମନ୍ଦିରର ନୀତି, ରୀତି ଆଦି ପ୍ରଣୟନ ତ୍ରିକଳ୍ପ ମୀମାଂସା ଅନୁସାରେ ବିଧି ବ୍ୟବସ୍ଥା କରିଥିବେ। ତେଣୁ ପଣ୍ଡିତ ସଭା ଏବଂ ପଣ୍ଡିତମାନଙ୍କ ସହ ନିତ୍ୟ ଶାସ୍ତ୍ର ଆଲୋକଚନାରେ ତାଙ୍କର ଶେଷ ଜୀବନ କଟିଥିବ। ଏପରିକି ଶ୍ରୀ ଜୀଉଙ୍କର ନୀତି ପରିକଳ୍ପନା ଦୃଷ୍ଟିରୁ ନିଶ୍ଚିତ ଭାବରେ ଏକ ସଂଗଠିତ ରାଜ ପୃଷ୍ଠପୋଷକତା ପ୍ରାପ୍ତ ପଣ୍ଡିତ ସଭା ଥିଲା ଏହା ଅନୁମାନ କରାଯାଇପାରେ। ଅପର ପକ୍ଷରେ ଅଧ୍ୟାପକ ତଥା ଗବେଷକ ସିଦ୍ଧେଶ୍ୱର ମହାପାତ୍ରଙ୍କ ବକ୍ତବ୍ୟ ଅନୁଯାୟୀ ପୁରୀ ଶ୍ରୀମନ୍ଦିରରେ ଥିବା 'ମୁକ୍ତିମଣ୍ଡପ' ଭଳି ଯାଜପୁର, ଭୁବନେଶ୍ୱର ଲିଙ୍ଗରାଜମନ୍ଦିର ଓ କପିଳାସ ଆଦି ସ୍ଥାନରେ ମଧ୍ୟ ମୁକ୍ତିମଣ୍ଡପ ରହିଅଛି। 'ମୁକ୍ତିମଣ୍ଡପ' ରାଜାଙ୍କର ଏକ

Digitized by PPRACHIN, SOA

ଉପଦେଷ୍ଟା ମଣ୍ଡଳୀ ତଥା ଧର୍ମ ସମ୍ବନ୍ଧୀୟ ଉଚ୍ଚତମ ନ୍ୟାୟାଳୟ ଭାବରେ କାର୍ଯ୍ୟ କରିଥାଏ। ଶ୍ରୀଜଗନ୍ନାଥଙ୍କ ଦକ୍ଷିଣ ଭାଗରେ ମୁକ୍ତିମଣ୍ଡପର ଅବସ୍ଥିତିକୁ ତାଙ୍କର ରାଜକୀୟତାର ଏକ ଚିହ୍ନ ବୋଲି କୁହାଯାଇପାରେ। ଏଭଳି ଏକ ସର୍ବମାନ୍ୟ ପ୍ରତିଷ୍ଠାନ ଯେ ସଂପୂର୍ଣ୍ଣ ନିରଙ୍କୁଶ ଥିବା ତାହା ନୁହେଁ। ଏହାର ଶୃଙ୍ଖଳା ଦେଖିବା ମାନସିଂହ ମହାପାତ୍ରଙ୍କର କାର୍ଯ୍ୟ ଥିଲା। ''ମୁକୁଟମଣ୍ଡପ ବ୍ରାହ୍ମଣକୁ ତାକିଦ୍ ଆକଟ କରିବେ।'' (କର୍ମାଙ୍ଗୀ)

ମୁକ୍ତିମଣ୍ଡପର ଅଧିକାରୀ ତଥା ବର୍ତ୍ତମାନ ଥିବା ଶ୍ରୀମନ୍ଦିରର ପୁରୋହିତ ପଣ୍ଡିତ ହରିହର ମହାପାତ୍ର 'ମୁକ୍ତିମଣ୍ଡପ' ସଂପର୍କରେ ତାଙ୍କ ନିଜସ୍ୱ ମତ ପ୍ରଦାନ୍ କରି ପ୍ରକାଶ କରିଅଛନ୍ତି ଯେ,— ଏହି ମଣ୍ଡପରର ଦୈର୍ଘ୍ୟ ଓ ପ୍ରସ୍ଥ ୧୮ ହାତ ୪ ଆଙ୍ଗୁଳ। ଏହା ଷୋଳ ସ୍ତମ୍ଭ ବିଶିଷ୍ଟ। ମଧ୍ୟସ୍ଥ ଚାରି ସ୍ତମ୍ଭ ମୁଖ୍ୟ ଯଜ୍ଞ ଶାଳାର ଶାଳାମଣ୍ଡପ ଓ ଅନ୍ୟ ବାର ଗୋଟି ସ୍ତମ୍ଭ ଯଜ୍ଞ ମଣ୍ଡପର ବାହ୍ୟ ଶାଳା ଅଟେ। ଏହା ବର୍ତ୍ତମାନ ନୃସିଂହ ମନ୍ଦିରର ସମ୍ମୁଖରେ ଅବସ୍ଥିତ ଓ ଏହାର ଐଶାନ୍ୟ କୋଣ ସ୍ତମ୍ଭ ଇଷତ୍ ଲମ୍ବଆନ ଅବସ୍ଥାରେ ରହିଅଛି, ତେଣୁ ଏହା ଯେ ନିଶ୍ଚିତ ଭାବେ 'ଯଜ୍ଞମଣ୍ଡପ' ଏଥିରେ ସନ୍ଦେହ କରିବାର କୌଣସି ଅବକାଶ ନାହିଁ।

ଏହି ଯଜ୍ଞ ମଣ୍ଡପ ପୁରୁଷୋତ୍ତମ ମନ୍ଦିର ଓ ପୁରୁଷୋତ୍ତମ ଦେବ ବିଗ୍ରହଙ୍କର ପ୍ରତିଷ୍ଠା କାଳରେ ନିର୍ମିତ ହୋଇଥିବ ଓ ଏହି ମଣ୍ଡପରେ ଉକ୍ତ ପ୍ରତିଷ୍ଠା କାର୍ଯ୍ୟ ସମାହିତ ହୋଇଥିବା ନିଃସନ୍ଦେହରେ କୁହାଯାଇପାରେ। ଏହି ପୁରୁଷୋତ୍ତମ କେବେ ହେଁ ସତ୍ୟନାରାୟଣ କିମ୍ବା ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ବିଗ୍ରହ ନୁହଁନ୍ତି। ଏହା ଲକ୍ଷ୍ମୀ ନୃସିଂହ ବିଗ୍ରହ ଏବଂ ଏହାଙ୍କ ମସ୍ତକରେ ଫଣି ରୂପେ ମହାଶିବ ବିଦ୍ୟମାନ। ଏହି ମହାନୃସିଂହଙ୍କର ଆରାଧନା ଓ ଯଜ୍ଞାଦି କାର୍ଯ୍ୟ ଅଦ୍ୟାବଧି ମହା ନୃସିଂହ ମନ୍ତ୍ରରେ ପ୍ରଚଳିତ। ମହା ନୃସିଂହ ପୁରୁଷୋତ୍ତମଙ୍କର ଏହି ମଣ୍ଡପ ପ୍ରତିଷ୍ଠା ମଣ୍ଡପ ବୋଲି କହିବାରେ ଅତ୍ୟୁକ୍ତି ହେବନାହିଁ। ପରିଦୃଶ୍ୟମାନ ଶ୍ରୀମନ୍ଦିରର ଏହା ବହୁ ପୂର୍ବବର୍ତ୍ତୀ ଏବଂ ଖ୍ରୀଷ୍ଟିୟ ଅଷ୍ଟମ ଶତାବ୍ଦୀରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ପଦ୍ମପାଦଙ୍କ ସମୟରେ ଏହା ନିର୍ମିତ ହୋଇଥିବ ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ''ଦକ୍ଷିଣୋ ତୋ ବ୍ରହ୍ମାସନମ୍'' ନୀତିରେ ଏହି ମଣ୍ଡପ ବ୍ରହ୍ମାସନ, ବ୍ରହ୍ମବେଦୀ, ଯଜ୍ଞମଣ୍ଡପ ଓ ମୁକ୍ତି ମଣ୍ଡପ ନାମରେ ନାମିତ ହୋଇ ବ୍ରାହ୍ମଣପଣ୍ଡିତ ମଣ୍ଡଳୀ ଦ୍ୱାରା ଶ୍ରୀମନ୍ଦିରର ବିଧି ବ୍ୟବସ୍ଥାରେ ସହାୟକ ହୋଇ ଆସୁଅଛନ୍ତି।

ଭୋଇ ବଂଶର ରାଜା ରାମଚନ୍ଦ୍ର ଦେବ ପୁରୀ ନିକଟରେ ବ୍ରାହ୍ମଣମାନଙ୍କୁ

Digitized by PPRACHIN, SOA

ଜମି ବାଡ଼ି ଦେଇ ଶାସନମାନ ବସାଇଥିଲେ। ଏହି ଶାସନ ମଧ୍ୟରେ କେତେକ ଶାସନ ଅଦ୍ୟାପି 'ଷୋଳ ଶାସନ' ନାମରେ ଅଭିହିତ। ଏହି ଶାସନ ମାନଙ୍କର ବ୍ରାହ୍ମଣମାନେ ମୁକ୍ତିମଣ୍ଡପରେ ଆସନ ପାଇବାର ଅଧିକାରୀ ଅଟନ୍ତି। 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ' ପୁସ୍ତକରେ ଉଲ୍ଲେଖ ଅଛି ଯେ, ମୁକ୍ତି ମଣ୍ଡପରେ କେବଳ ଷୋଳ ଶାସନର ନିର୍ବାଚିତ ପ୍ରତିନିଧିମାନେ ସଭ୍ୟ ଭାବରେ ଗୃହୀତ ହେଉଥିଲେ। ଏହା ହିଁ ଶାସନ ବିଭାଗର ଶୀର୍ଷ ମନ୍ତ୍ରଣାଳୟ ଏପରିକି ଏହାର ସିଦ୍ଧାନ୍ତ ହିଁ ସର୍ବୋଚ୍ଚ ନିଷ୍ପତ୍ତି ସ୍ୱରୂପ ଗୃହୀତ ହେଉଥିଲା। ତତ୍‌କାଳୀନ ସମୟରେ ଏହା ଅତି ପ୍ରଲୋଭନୀୟ ପ୍ରତିଷ୍ଠାପନ୍ନ ପଦବୀ ରହିଥିଲା। ମୁକ୍ତିମଣ୍ଡପର ସଭ୍ୟ ସଂଖ୍ୟା ଷୋଳ ଶାସନର ୧୬, ବତିଶି କରବାଡ଼ରୁ ୪ ଏବଂ ରାଜଗୁରୁ ଏପରି ମୋଟ୍ ୨୧ ସର୍ବଦା ସ୍ଥିର ରହୁଥିଲା। ଷୋଳ ଶାସନ ମଧ୍ୟରେ (୧) ବୀର ନରସିଂହପୁର, (୨) ଚନ୍ଦନପୁର, (୩) ବୀର ହରେକୃଷ୍ଣପୁର, (୪) ଶ୍ରୀରାମଚନ୍ଦ୍ରପୁର, (୫) ଶ୍ରୀପୁରୁଷୋତ୍ତମପୁର, (୬) ପ୍ରତାପ ପୁରୁଷୋତ୍ତମପୁର, (୭) ବିଜୟ ରାମଚନ୍ଦ୍ରପୁର (୮) ବୀର ଗୋବିନ୍ଦପୁର (୯) ବୀର କେଶରୀପୁର (୧୦) ବୀର ପ୍ରତାପପୁର, (୧୧) ବିଶ୍ୱନାଥପୁର (୧୨) ବୀର ରାମଚନ୍ଦ୍ରପୁର (୧୩) ବୀର ପୁରଷୋତ୍ତମପୁର (୧୪) ପ୍ରତାପ ରାମଚନ୍ଦ୍ରପୁର (୧୫) ବୀର ବଳଭଦ୍ରପୁର (୧୬) ରାଉତରାପୁର (ଗୋପୀନାଥପୁର) ଶାସନ ବୋଲି ଅନ୍ତର୍ଭୁକ୍ତ ହେଲେହେଁ ଏହା ସର୍ବସମ୍ମତ ନୁହେଁ। ପୁରୀରୁ ପ୍ରକାଶିତ ଅନ୍ୟ ଏକ ମାସିକ ପତ୍ରିକାରେ ପ୍ରକାଶିତ ହୋଇଛି ଯେ, ରାଜ ପ୍ରତିଷ୍ଠିତ ଏହି ଷୋଳ ଶାସନ ମଧ୍ୟରେ କପିଳେଶ୍ୱରପୁର ଶାସନ, ବୀରପୁରୁଷୋତ୍ତମପୁର, ପ୍ରତାପ ପୁରୁଷୋତ୍ତମପୁର, ବୀର ପ୍ରତାପପୁର, ବୀର ରାମଚନ୍ଦ୍ରପୁର, ବୀରନରସିଂହପୁର, ବୀର ବଳଭଦ୍ରପୁର, ଶ୍ରୀମୁକୁନ୍ଦପୁର, ଦିବ୍ୟସିଂହପୁର, ବୀରହରେକୃଷ୍ଣପୁର, ଗୋପୀନାଥପୁର ଏବଂ ବୀର କେଶରୀ ଶାସନ ଅନ୍ତର୍ଭୁକ୍ତ। କିନ୍ତୁ ଗବେଷକମାନଙ୍କ ମତରେ ଏହା ମଧ୍ୟ ସଠିକ୍ ନୁହେଁ। ଅଦ୍ୟାବଧି ଷୋଳଶାସନ ଓ ମୁକ୍ତିମଣ୍ଡପର ଇତିହାସ ସମ୍ପର୍କରେ କୌଣସି ପୁସ୍ତକରେ ବିସ୍ତୃତ ଭାବରେ ଉଲ୍ଲେଖ ନଥିବାର ଜଣାଯାଏ। ବର୍ତ୍ତମାନ ମଧ୍ୟ ମୁକ୍ତିମଣ୍ଡପ ଓ ଷୋଳ ଶାସନ ସମ୍ବନ୍ଧରେ ଗବେଷଣାର ଆବଶ୍ୟକତା ରହିଅଛି।

୧୯୫୭ ମସିହା ସେପ୍‌ଟେମ୍ବର ମାସ ୨୭ ତାରିଖ ଦିନ ଓଡ଼ିଶାର ତତ୍‌କାଳୀନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ମୁକ୍ତିମଣ୍ଡପର ଉନ୍ନତି ବିଧାନ ନିମନ୍ତେ ଓ ଏହି ସୁପ୍ରାଚୀନ

Digitized by PPRACHIN, SOA

ଅନୁଷ୍ଠାନ ସମ୍ପର୍କରେ ଇଂରାଜୀ ଭାଷାରେ ଏକ ଦୀର୍ଘ ଚିଠି ତଦାନୀନ୍ତନ ରାଜ୍ୟ ଆଇନ୍ ସଚିବ ଶ୍ରୀ ଗୋପବନ୍ଧୁ ମିଶ୍ରଙ୍କ ନିକଟକୁ ପଠାଇଥିଲେ । ଉକ୍ତ ଚିଠିରେ ପଣ୍ଡିତ ଶ୍ରୀ ଦାସ ମୁକ୍ତିମଣ୍ଡପର ଇତିହାସ, ଷୋଳ ଶାସନର ଉତ୍ପତ୍ତି ଏବଂ ଭୋଇ ବଂଶର ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ମୁକ୍ତିମଣ୍ଡପରେ ଥିବା ଷୋଳଗୋଟି ସ୍ତମ୍ଭକୁ ଷୋଳ ଶାସନ ମଧ୍ୟରେ ବଣ୍ଟାଯାଇ ଉକ୍ତ ଶାସନର ବ୍ରାହ୍ମଣ ମହାଜନମାନେ ନିଜ ନିଜର ସ୍ତମ୍ଭ ନିକଟରେ ବସିବାର ଅଧିକାର ପାଇଥିବା ଏପରିକି ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ଶ୍ରୀମନ୍ଦିରରେ ଥିବା ପୁରାତନ ମୁକ୍ତିମଣ୍ଡପର ଜୀର୍ଣ୍ଣୋଦ୍ଧାର କରାଯାଇଥିଲା ଏବଂ କେତେକ ବ୍ରାହ୍ମଣ ଶାସନ ନୂତନ କରି ପ୍ରତିଷ୍ଠା ହୋଇ ବିଭିନ୍ନ ଗଜପତି ମହାରାଜାଙ୍କ ନାମରେ ନାମିତ ହୋଇଥିବା ବିଷୟ ଉଲ୍ଲେଖ କରିଛନ୍ତି । ପରବର୍ତ୍ତୀକାଳରେ ମୁକ୍ତିମଣ୍ଡପରେ ଶାସନ ସଂଖ୍ୟା ବୃଦ୍ଧି ପାଇ ସ୍ଥାନ ପାଇଥିଲେ ମଧ୍ୟ ଏହି ସ୍ତମ୍ଭ ଗୁଡ଼ିକର ବିଭାଜନ ତଦନୁସାରେ ହୋଇପାରିନାହିଁ । ଏ ଚିଠିର ଅବିକଳ ନକଲ ପାଠକଙ୍କ ଜିଜ୍ଞାସା ନିମନ୍ତେ ଏଠାରେ ପ୍ରଦତ୍ତ କରଯାଇଛି –

Nilakantha Das
SPEAKER
Orissa Legislative Assembly

Dt. 27 September, 1957

D.O.No. 144-S (Res)/57.

Dear Sri Misra,

It is very difficult to ascertain the genesis and development of Mukti-Mandap in the Jagannath Temple, Puri. Very little research has been made on this Institution.

Historically it appears to have been an Institution attached to the Jagannath Temple from the daays of Indradwimna,

Digitized by PPRACHIN, SOA

i.e.from the days of either Chora Ganga Deb or his successor Ananga Bhim Deb. I cannot definitely say whether it has been mentioned in Kshetra Mahatma of Skandapuran which was written, it appears, in the early 14th Century.

It is probably ascertained that there was an old Mukti-Mandap which was remodelled by the wife of Mansing towards the end of 16th Century, when Ramchandra Deb of Bhoi dynasty was on the throne. This Ramachandra Deb was a man of great conception and after the destruction of images etc. of the Puri temple, he renovated the whole Institution and gave the ancient prestige that it commanded in Hindu India after the destruction of the Somanath Temple in Gujurat and Mohamadan conquest of whole of India except the then Orissa. This renovation of Mukti-Mandapa between 1590-95 is a construction probably at the present place in the Temple with 16 pillars alloted to 16 Sasans of Ramchandra Deb.

These 16 Sasans of Ramachandra Deb include the 4 Sasans of his predecessors of Bhoi dynasty set up by subarna Kesari Gobinda Deb who set up Bir Govindpur of two Sasans or Khandis and his son Man Gobinda Pratab Deb (called Chaka Pratap) Who set up Bir Pratappur which is also 2 Sasans or Khandis.

Then to make up sixteen, perhaps for sixteen pillars of Mukti-Mandap, Ramchandra Deb set up or added 12 more Sasans. They are as follows:– Bira Ramachandrapur 4 Sasans or Khandis, Ssri Ramachandrapur 2 Sasans or Khandis, Pratap Ramachandrapur-2 Sasans or Khandis, Bijaya Ramachandrapur-2 Sasans or Khandis and Ubhayamkhi Ramachandrapur 2 Sasans or Khandis.

Digitized by PPRACHIN, SOA

Originally these 16 Sasans were allotted each one pillar of the Mukti Mandap. In course of time came other Rajas. They are sons and successors of Ramachandra Deb. They all belong to Bhoi dynasty till today. Their Sasans generally begin with 'Bir' and 'Sri' taken from the high sounding title of the Gajapati Rajas such as, Bira Sri etc.

In other Sasans of Ramachandra Deb Bir Sri was followed a by 'Pratap' 'Bijoy' etc. But there was in later times one Sasan called pratap Purushottampur. This Pratap Purshottampur, it appears, was set up after the death of Purushottam Deb, for there was only one Purusshottam Deb. son of Ramachandra Deb in the Bhoi dynasty.

There is also Sri Mukundapur in Lembai. We do not find today any Bir mukundaapur to keep up the symmetry. But there was a Bir Mukundapur of which the Sasan of Dana part has been deserted. The non-Brahmin part of it with the name of Bir Mukundapur is still there near Kanas.

There was one Bir Keshari Deb in Khurda as well as more than one in the Puri Raj family. Anyway there is one Sasan Bir Kesharipur in Pragana Rahang near Chandanpur and another Sasan Bir Kesharipur in Lembai near Sri Mukundapur.

They are all Sasans, for any village beginning with Sri or Bir as a Sasan. Such a village is set up by a Raja of the Bhoi dynasty.

After Ramachandara Debs 16 Sasan in charge of 16 pillars of Mukti-Mandap other Sasans by his sons and successors were set up. They claimed and obtained from Rajas seats on the Mukti-Mandap. Some villages which were not important

Digitized by PPRACHIN, SOA

were perhaps discarded. It should be ascertained whether Sasans like Pratap Ramachandrapur, Bijaya Ramachandrapur and Ubhayamukhi Ramachandrapur have still retained their seats on the Mukti-Mandap. But Pratap Purushottampur has undoubtedly its seat.

Other Sasans are:– Bir Purushottampur and Sri Purushottampur set up by Pruushottam Deb, son of Ramachandra Deb; Bir Narasinghpur set up by Narasing Deb, son of Purushottam Deb; Bir Ballabhadrapur set up by Balabhadra Deb, the successor of Narasing Deb. Then comes Sri Mukundpur of Lembai by Mukund Deb and also both the Sasan of Bir Kesharipur. Last Sasan near Puri is Bir Haraskrushnapur set up by Harekrushna Deb.

Many other Sasans were set up in immitation of Kings by Queens, Ministers, Patras, Bukshis and other important gentlemen and ladies in course of time. Many of them claimed the status and honour of Sasan i.e. Brahmin villages set up by Kings, and accordingly some how got themselves entitled to seats in the Mukt Mandap. So far as I can say from memory their names are:–

1. Jagannath Bidyadharpur
2. Basudebpur
3. Sasan Damodarpur
4. Rautarapur or Gopinathpur
5. Rai Chakradharpur
6. Samasarpur
7. Biswanathpur
8. Chandanpur.

Digitized by PPRACHIN, SOA

All Sasans are in the Pragana of Rahang except Sri Mukundpur which is in Lembai in Kanas. Sarikia Bir Kesheripur of Lembai is near Sri Mukundpur and round about there are five more Brahmin Sasans which are not set up by Kings. But they are altogether called seven Sasans of Lembai. Whether all the five Sasans besides Sri Mukundpur and Sarikia Bir Kesharipur have their seats on the Muktimandap should be ascertained, for I am not sure about them. But the fact remains that at present Sasans have their seats on the Muktimandap but the original pillar division has been discontinued.

Yours sincerely,
Nilakantha Das

Sri Gopabandhu Misra, M.A., B.L.,
Secretary to Government,
Law Department,
BHUBANESWAR.

Digitized by PPRACHIN, SOA

ଶ୍ରୀମନ୍ଦିରର ରେକର୍ଡ଼ ରୁମ୍‌ରେ ଥିବା ଏକ ନଥିରୁ ଜଣାଯାଏ ଯେ– ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତତ୍‌କାଳୀନ ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଟେଣ୍ଡେଣ୍ଟ ଗଜପତି ମହାରାଜା ଶ୍ରୀ ବୀରକିଶୋର ଦେବଙ୍କ ଦ୍ୱାରା ମୁକ୍ତିମଣ୍ଡପ ନିମନ୍ତେ ଏକ ନିୟମାବଳୀ ପ୍ରଚଳନ କରାଯାଇଥିଲା। ତହିଁର ଅବିକଳ ନକଲ ଏଠାରେ ପ୍ରଦତ୍ତ କରାଯାଇଛି।

ମୁକ୍ତି ମଣ୍ଡପରେ ଶାନ୍ତି ଶୃଙ୍ଖଳା ରକ୍ଷଣାର୍ଥ ନିୟମାବଳୀ :

ବ୍ରହ୍ମାସନ ବେଦୀ ମୁକ୍ତିମଣ୍ଡପ ନାମରେ ନାମିତ।

(୧) ମୁକ୍ତି ମଣ୍ଡପାଧିକାରୀଙ୍କ ବ୍ୟତୀତ ଅନ୍ୟ କେହି ମୁକ୍ତିମଣ୍ଡପ ଉପରେ ବସି ପାରିବେ ନାହିଁ। କୋଟ୍ କାମିଜ୍ ପ୍ରଭୃତି ପରିଧାନ କରି କେହି ମୁକ୍ତିମଣ୍ଡପରେ ବସି ପାରିବେ ନାହିଁ।

(୨) ବ୍ରାହ୍ମଣମାନେ ଶ୍ରୀମୁକ୍ତିମଣ୍ଡପ ଉପରେ ବସି ଜପ, ସ୍ତୋତ୍ର ମନ୍ତ୍ରପାଠ, ପୁରାଣାଦି ପାଠ ବା ବେଦ ପାଠ କରିବେ।

(୩) ଶ୍ରୀମୁକ୍ତିମଣ୍ଡପରେ ବସି କୌଣସି ବ୍ୟକ୍ତି ପଇତା ଗଣ୍ଠି ପକାଇବା ପ୍ରଭୃତି ବ୍ୟବସାୟମୂଳକ କାର୍ଯ୍ୟ କରି ପାରିବେ ନାହିଁ।

(୪) କୌଣସି ମୁକ୍ତିମଣ୍ଡପାଧିକାରୀ ଶ୍ରୀମନ୍ଦିର ବେଢ଼ାରେ ଥିବା କୌଣସି ଦେବ ଦେବୀଙ୍କର ସେବା କରି ପାରିବେ ନାହିଁ।

(୫) କୌଣସି ବ୍ୟକ୍ତି ବ୍ୟବସ୍ଥା ନେବା ପାଇଁ ମୁକ୍ତିମଣ୍ଡପକୁ ଆସିଲେ ତାହାଙ୍କୁ ମୁକ୍ତିମଣ୍ଡପରେ ବସିଥିବା ବ୍ରାହ୍ମଣମାନେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସମ୍ପାଦକଙ୍କ ନିକଟକୁ ପଠାଇଦେବେ। ସେମାନେ କୌଣସି ଲିଖିତ ବା ମୌଖିକ ବ୍ୟବସ୍ଥା ଦେଇ ପାରିବେ ନାହିଁ। ବ୍ୟବସ୍ଥା ପାଇଁ କୌଣସି ପଚ଼ରା ଆସିଲେ ପଚ଼ାରି ଆସିଥିବା ବ୍ୟକ୍ତିଙ୍କୁ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସମ୍ପାଦକଙ୍କ ନିକଟକୁ ପଠାଇ ଦେବେ। ମୁକ୍ତିମଣ୍ଡପ ବ୍ରାହ୍ମଣମାନଙ୍କ ଜରିଆରେ ଆସିଥିବା ଏହି ପଚ଼ରା ସମ୍ବନ୍ଧୀୟ ବ୍ୟବସ୍ଥା ମୁକ୍ତିମଣ୍ଡପ ପଣ୍ଡିତସଭା ବ୍ୟବସ୍ଥାପକ ସମିତି ଦ୍ୱାରା ସିଦ୍ଧାନ୍ତ ହେବା ପାଇଁ ଯେଉଁ ଶୁଳ୍କ ଧାର୍ଯ୍ୟ ହେବ ତହିଁରୁ ଶତକରା ଟ ୫୦ ଙ୍କା ମୁକ୍ତିମଣ୍ଡପରେ ବସୁଥିବା ବ୍ରାହ୍ମଣମାନେ ପାଇବେ।

(୬) ମୁକ୍ତିମଣ୍ଡପ ପଣ୍ଡିତସଭା ବା ମୁକ୍ତିମଣ୍ଡପ ନାମରେ ଆସିଥିବା ବ୍ୟବସ୍ଥା ସମ୍ବନ୍ଧୀୟ ପତ୍ରକୁ ହସ୍ତଗତ କରି ଏବଂ ମୁକ୍ତିମଣ୍ଡପ ପଣ୍ଡିତ ସଭା ସମ୍ପାଦକଙ୍କୁ

Digitized by PPRACHIN, SOA

ନ ଜଣାଇ ମୁକ୍ତିମଣ୍ଡପ ବ୍ରାହ୍ମଣମାନେ କୌଣସି ଲିଖିତ ବା ମୌଖିକ ବ୍ୟବସ୍ଥା ଦେଇ ପାରିବେ ନାହିଁ। ସେଭଳି ପତ୍ରକୁ ସମ୍ପାଦକଙ୍କ ପାଖକୁ ପଠାଇଦେବେ।

(୭) ଦଶ ଜଣ ବା ତଦୂର୍ଦ୍ଧ ମହାଜନ ମୁକ୍ତିମଣ୍ଡପରେ ଉପସ୍ଥିତ ନ ଥିଲେ କୌଣସି ପ୍ରାୟଶ୍ଚିତ କାର୍ଯ୍ୟ ହୋଇପାରିବ ନାହିଁ। ପ୍ରାୟଶ୍ଚିତ ବିଧାନ କାଳରେ ଯେଉଁମାନେ ମୁକ୍ତିମଣ୍ଡପରେ ଉପସ୍ଥିତ ଥିବେ କେବଳ ସେହିମାନେ ପ୍ରାୟଶ୍ଚିତ ଲବ୍ଧ ଧନ ସମାନ ଭାବରେ ବଣ୍ଟନ କରି ନେବେ।

(୮) ଶ୍ରୀମୁକ୍ତିମଣ୍ଡପ ଉପରେ ବା ତଳେ ବା ତାହାର ଚତୁଃପାର୍ଶ୍ୱରେ ଉପସ୍ଥିତ ଥିବା ବ୍ରାହ୍ମଣମାନେ ପରସ୍ପର ମଧ୍ୟରେ କଳହ, ବାଦାନୁବାଦ ଅଯଥା ସମାଲୋଚନା, ଅପଭାଷାରେ କଥୋପକଥନ ପ୍ରଭୃତି ଶୃଙ୍ଖଳା ଲଙ୍ଘନ ଓ ନିନ୍ଦନୀୟ କାର୍ଯ୍ୟ କରିପାରିବେ ନାହିଁ। ମୁକ୍ତିମଣ୍ଡପରେ ଶାନ୍ତି ଶୃଙ୍ଖଳା ସ୍ଥାପନ ଓ ମୁକ୍ତିମଣ୍ଡପ ତଥା ବ୍ରାହ୍ମଣ ସମାଜର ସମ୍ମାନ ପ୍ରତି ପ୍ରତ୍ୟେକ ମୁକ୍ତିମଣ୍ଡପାଧିକାରୀ ସର୍ବଦା ଯତ୍ନବାନ୍ ହେବେ।

(୯) ଯାତ୍ରୀମାନେ ମୁକ୍ତିମଣ୍ଡପକୁ ଆସି ସ୍ୱେଚ୍ଛାରେ ଯାହା ଦାନ କରିବେ ତାହା ଉପସ୍ଥିତ ବ୍ରାହ୍ମଣମାନେ ଶୃଙ୍ଖଳିତ ଭାବରେ ଗ୍ରହଣ କରିବେ। ସେଥିପାଇଁ ବ୍ୟକ୍ତିଗତ ବା ସମୂହ ଭାବରେ ଯୋର ଜବରଦସ୍ତି ବା ଗୋଳମାଳ ବା ବାଦାନୁବାଦ କରିବେ ନାହିଁ।

(୧୦) ଭୋଜନ ନିମନ୍ତ୍ରଣ ସମୟରେ ବା ସ୍ଥଳରେ ବ୍ରାହ୍ମଣମାନେ ଶୃଙ୍ଖଳା ରକ୍ଷା କରିବେ। କୌଣସି ଅସମ୍ମାନକର କାର୍ଯ୍ୟ କରିବେ ନାହିଁ।

(୧୧) ମୁକ୍ତିମଣ୍ଡପରେ ଲବ୍ଧଧନ ଉପସ୍ଥିତ ବ୍ରାହ୍ମଣମାନଙ୍କ ମଧ୍ୟରେ ପରମ୍ପରା ରୀତିରେ ସମ୍ମାନ ଭାବରେ ଶୃଙ୍ଖଳା ସହିତ ବଣ୍ଟନ କରାଯିବ।

(୧୨) ଦୈନିକ ଖଞ୍ଜା ମହାପ୍ରସାଦ ଓ ଯଜମାନମାନଙ୍କ ଦାନ ପ୍ରସାଦ ସମାନ ଭାବରେ ଶୃଙ୍ଖଳା ସହିତ ଉପସ୍ଥିତ ବ୍ରାହ୍ମଣମାନଙ୍କ ମଧ୍ୟରେ ବଣ୍ଟନ କରାଯିବ। ପ୍ରସାଦ ବଣ୍ଟନ ସମୟରେ ବ୍ରାହ୍ମଣମାନେ ସ୍ୱ ସ୍ୱ ସ୍ଥାନ ପରିତ୍ୟାଗ କରି ବଣ୍ଟନ ସ୍ଥଳରେ ଗୋଳମାଳ କରି ପାରିବେ ନାହିଁ। ଥାଳୀ ପ୍ରସାଦ ପ୍ରଧାନୀ ଓ ଯଜମାନୀ ପ୍ରସାଦ ପାଣିଆ ବ୍ୟତୀତ ଅନ୍ୟ କେହି ବଣ୍ଟନ କରି ପାରିବେ ନାହିଁ। କୌଣସି କାରଣରୁ ପ୍ରଧାନୀ ବା ପାଣିଆ ଅନୁପସ୍ଥିତ ହେଲେ ଉପସ୍ଥିତ ମହାଜନମାନେ ଯେଉଁ ବ୍ୟକ୍ତିଙ୍କୁ ମନୋନୀତ କରିବେ କେବଳ ସେହି ବ୍ୟକ୍ତି ବଣ୍ଟନ କରିବେ।

Digitized by PPRACHIN, SOA

(୧୩) ମୁକ୍ତି ମଣ୍ଡପରେ ଶୃଙ୍ଖଳା ରକ୍ଷା କରିବା ପାଇଁ ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ମନୋନୀତ ତିନି ଜଣ ବ୍ୟକ୍ତିଙ୍କୁ ନେଇ ଗୋଟିଏ ଉପ-ସମିତି ଗଠିତ ହେବ। ଉକ୍ତ ଉପ-ସମିତିର ସଭ୍ୟମାନେ ମୁକ୍ତିମଣ୍ଡପରେ ଶାନ୍ତି ଶୃଙ୍ଖଳା ସ୍ଥାପନ ପାଇଁ ବିହିତ ବ୍ୟବସ୍ଥା କରିବେ ଏବଂ ନିୟମ ଲଙ୍ଘନକାରୀଙ୍କ କାର୍ଯ୍ୟାବଳୀ ଉଲ୍ଲେଖ କରି ମୁକ୍ତିମଣ୍ଡପରେ ଉପସ୍ଥିତ ବ୍ରାହ୍ମଣମାନଙ୍କ ମଧ୍ୟରୁ ତିନି ଜଣଙ୍କ ସ୍ୱାକ୍ଷରରେ ଲିଖିତ ଅଭିଯୋଗ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସମ୍ପାଦକଙ୍କ ନିକଟକୁ ପଠାଇବେ। ଉକ୍ତ ଅଭିଯୋଗ ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ଆଲୋଚିତ ହୋଇ ଉଚିତ ପ୍ରତିବିଧାନ (ବାସନ୍ଦ, ଜୋରିମାନା ପ୍ରଭୃତି) କରାଯିବ।

(୧୪) ଶ୍ରୀମନ୍ଦିର ମଧ୍ୟସ୍ଥ ମୁକ୍ତିମଣ୍ଡପର ଉପର୍ଯ୍ୟୁକ୍ତ ନିୟମାବଳୀ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟସ୍ଥ ମୁକ୍ତିମଣ୍ଡପ ପ୍ରତି ମଧ୍ୟ ପ୍ରଯୁକ୍ତ ହେବ।

ସ୍ୱା – (ବୀର କିଶୋର ଦେବ)
ତା ୧୦, ଅଗଷ୍ଟ, ୧୯୫୯
ଗଜପତି ମହାରାଜା,
ସୁପରିଟେଣ୍ଡେଣ୍ଟ, ଜଗନ୍ନାଥ ମନ୍ଦିର, ପୁରୀ

ସଂପ୍ରତି ଏ ବ୍ୟବସ୍ଥା ଅନୁଯାୟୀ ମୁକ୍ତିମଣ୍ଡପ ପରିଚାଳିତ ହେଉ ନଥିବା ଜଣାଯାଏ।

ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପିରେ ବର୍ଣ୍ଣିତ ଅଛି ଯେ, ମୁକ୍ତିମଣ୍ଡପରେ ନିମେଇ ୬ ଶାସନ, ରାହାଙ୍ଗ ୧୦ ଶାସନ ଓ ସିରୋଇ ୭ ଶାସନ ବ୍ରାହ୍ମଣମାନଙ୍କର ବସିବା ଅଧିକାର ଥିବା ସଙ୍ଗେ ସଙ୍ଗେ ଦଣ୍ଡୀ, ସନ୍ନ୍ୟାସୀ, ରାଜଗୁରୁ, ରାୟଗୁରୁ ଏବଂ ଦେଉଳ ପୁରୋହିତଙ୍କର ବସିବାର ଅଧିକାର ରହିଛି। ସ୍ୱତ୍ୱଲିପି ପ୍ରଦତ୍ତ ତାଲିକା ଅନୁଯାୟୀ ୨୪ ଗୋଟି ଶାସନ ମଧ୍ୟରେ :– (୧) ବୀର ହରେକୃଷ୍ଣପୁର (୨) ବୀର ବଳଭଦ୍ରପୁର (୩) ବୀର କିଶୋରୀପୁର (ଚନ୍ଦନପୁର) (୪) ବୀର ନରସିଂହପୁର (୫) ବୀର ପ୍ରତାପପୁର (୬) ବୀର ଗୋବିନ୍ଦପୁର (୭) ବୀର ରାମଚନ୍ଦ୍ରପୁର (୮) ବୀର ପୁରୁଷୋତ୍ତମପୁର (୯) ଶ୍ରୀ ପୁରୁଷୋତ୍ତମପୁର (୧୦) ଶ୍ରୀ ରାମଚନ୍ଦ୍ରପୁର (୧୧) ଶ୍ରୀ ମୁକୁନ୍ଦପୁର (୧୨) ପ୍ରତାପ ପୁରୁଷୋତ୍ତମପୁର (୧୩) ବିଶ୍ୱନାଥପୁର (ନୂଆଗାଁ) ଶାସନ (୧୪) ଗୋପୀନାଥପୁର (୧୫) ଦାମୋଦରପୁର (୧୬) କାଶି ଜଗନ୍ନାଥପୁର (୧୭) ରାୟ ଚକ୍ରଧରପୁର (୧୮) ଜଗନ୍ନାଥ ବିଦ୍ୟାଧରପୁର (୧୯)

Digitized by PPRACHIN, SOA

ବାସୁଦେଇପୁର (୨୦) ଗୋକୁଳପୁର (୨୧) ପାଟଯୋଷୀପୁର (୨୨) ରାୟଗୁରୁପୁର (୨୩) ସରିକିଆ ବୀରକେଶରୀପୁର (୨୪) କନ୍ହେଇ ବିଦ୍ୟାଧରପୁର ଶାସନ ଅନ୍ତର୍ଭୁକ୍ତ। ପରବର୍ତ୍ତୀ ସମୟରେ ଲଳିତାପାଟପୁର, ସୋମଶରପୁର, କପିଳେଶ୍ୱରପୁର, ପ୍ରତାପ ରାମଚନ୍ଦ୍ରପୁର, ବିଜୟ ରାମଚନ୍ଦ୍ରପୁର, ଅଭୟମୁଖୀ ରାମଚନ୍ଦ୍ରପୁର ଶାସନର ବ୍ରାହ୍ମଣମାନେ ଏହି ମଣ୍ଡପ ଉପରେ ବସିବାପାଇଁ ଅନୁମତି ପାଇଥିବାର ଜଣାଯାଇଛି। ତନ୍ମଧ୍ୟରେ ୧୯୫୫ ମସିହା ମଇ ମାସ ୭ ତାରିଖରେ ଓଡ଼ିଶା ଗେଜେଟ୍‌ରେ ଲଳିତା ପାଟପୁରକୁ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନ୍ତର୍ଭୁକ୍ତ କରାଯାଇଅଛି। ୧୯୭୮ ମସିହାରେ ତତ୍‌କାଳୀନ ଶ୍ରୀମନ୍ଦିର ପ୍ରଶାସକ କପିଳେଶ୍ୱରପୁର ବ୍ରାହ୍ମଣ ମହାଜନମାନଙ୍କ ତରଫରୁ ୧୯୭୭ ମସିହାରେ ଦାଖଲ ହୋଇଥିବା ସମସ୍ତ ପ୍ରମାଣ, ଛାମୁ ଚିଟାଉ ଇତ୍ୟାଦି ଦେଖି ତଥା ମିସ୍ କେସ ନଂ ୧୯/୭୭ର ବିଚାର କରି କପିଳେଶ୍ୱରପୁର ଶାସନ ବ୍ରାହ୍ମଣମାନେ ମୁକ୍ତିମଣ୍ଡପ ଉପରେ ବସି ପାରିବେ ବୋଲି ଆଦେଶ ଦେଇଥିଲେ। ତଦନୁଯାୟୀ ମୁକ୍ତିମଣ୍ଡପରେ କପିଳେଶ୍ୱରପୁର ଶାସନର ବ୍ରାହ୍ମଣ ମହାଜନମାନେ ବସି ଆସୁଥିଲେ। କିନ୍ତୁ ୧୯୯୨ ମସିହାରେ ମୁକ୍ତିମଣ୍ଡପର କେତେକ ବ୍ରାହ୍ମଣ ମହାଜନମାନେ କପିଳେଶ୍ୱରପୁର ଶାସନର ବ୍ରାହ୍ମଣମାନେ ମୁକ୍ତିମଣ୍ଡପ ଉପରେ ବସିବାର ଅଧିକାର ନେଇ ସ୍ଥାନୀୟ ପୁରୀ ମୁନସିଫ୍ କୋର୍ଟରେ ଏକ କେସ୍ ଦାୟର କରିଛନ୍ତି। ବର୍ତ୍ତମାନ ଉକ୍ତ କେସ୍‌ର ବିଚାର ଶେଷ ହୋଇନାହିଁ।

ତା ୫.୧୧.୧୯୬୨ ରିଖ ମୁକ୍ତିମଣ୍ଡପ ପଣ୍ଡିତ ସଭାର ବାର୍ଷିକ ସାଧାରଣ ସଭାର ୪ନମ୍ବର ନିର୍ଦ୍ଧାରଣ ଅନୁଯାୟୀ କପିଳେଶ୍ୱରପୁର ଏବଂ ଉଭୟମୁଖୀ ରାମଚନ୍ଦ୍ରପୁର ଏବଂ ତା ୨୩.୧.୧୯୮୬ ରିଖର ମୁକ୍ତିମଣ୍ଡପ ପଣ୍ଡିତ ସାଧାରଣ ସଭାର ୩ ନମ୍ବର ନିର୍ଦ୍ଧାରଣରେ ବିଜୟ ରାମଚନ୍ଦ୍ରପୁର ଏବଂ ପ୍ରତାପ ରାମଚନ୍ଦ୍ରପୁର ଶାସନର ବ୍ରାହ୍ମଣ ମହାଜନମାନେ ମୁକ୍ତିମଣ୍ଡପରେ ବସିବାର ଅଧିକାରୀ ବୋଲି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ସେହିପରି ଗତ ତା ୭.୧.୧୯୮୭ ମସିହାରେ ଶ୍ରୀନହର କାର୍ଯ୍ୟାଳୟ ଚିଠି ନଂ GM/MMGB/174/87ରେ ଶ୍ରୀ ଗଜପତି ମହାରାଜା ଶ୍ରୀ ଛାମୁରୁ ଉଭୟମୁଖୀ ରାମଚନ୍ଦ୍ରପୁର, ବିଜୟ ରାମଚନ୍ଦ୍ରପୁର, ପ୍ରତାପ ରାମଚନ୍ଦ୍ରପୁର ନିବାସୀ ବ୍ରାହ୍ମଣ ମହାଜନମାନେ ମୁକ୍ତିମଣ୍ଡପାଧିକାରୀ ଅଟନ୍ତି ଏବଂ ଏହି ଶାସନ ମାନଙ୍କର ସମସ୍ତ ବ୍ରାହ୍ମଣ ମହାଜନମାନେ ମୁକ୍ତିମଣ୍ଡପରେ ବସି ପାରିବେ। ଏହି ହୁକୁମନାମାର ନକଲ ଦେଉଳକରଣ, ତଢ଼ାଉ କରଣ, ପ୍ରଧାନୀ ଓ ଅନ୍ୟାନ୍ୟ ସଂପୃକ୍ତ ସେବକମାନଙ୍କୁ ଜଣାଇଦିଆଯିବା ସଙ୍ଗେ ସଙ୍ଗେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଂପାଦକ ଓ

Digitized by PPRACHIN, SOA

ଶ୍ରୀମନ୍ଦିର ପ୍ରଶାସକଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମଧ୍ୟ ଜଣାଇ ଦିଆଯାଇଥିଲା । ତଦନୁଯାୟୀ ତା ୧୦.୧.୮୭ ରିଖରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଏହି ଶାସନମାନଙ୍କୁ ଜଣାଇ ଦିଆଯାଇଥିଲା । ତେବେ ଏବେ ମଧ୍ୟ ଏଥିମଧ୍ୟରୁ କେତେକ ନିର୍ଦ୍ଦିଷ୍ଟ ଶାସନ ମୁକ୍ତିମଣ୍ଡପରେ ବସିବାର ଅଧିକାର ନେଇ ବିବ୍ରାଦ ରହିଅଛି । ସଂପ୍ରତି ରାଜ ପ୍ରତିଷ୍ଠିତ ଶାସନ ଓ କରବାଡ଼କୁ ମିଶାଇ ଏହାର ସଂଖ୍ୟା ୩୦ରୁ ଉର୍ଦ୍ଧ୍ୱ ହେଲାଣି ।

ଅତୀତରେ ପୁରୀ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏହି ମୁକ୍ତିମଣ୍ଡପର ସର୍ବୋଚ୍ଚ ଅଧିକାରୀ ଥିଲେ । ତାଙ୍କ ଦ୍ୱାରା ମୁକ୍ତିମଣ୍ଡପର ସମସ୍ତ ପଣ୍ଡିତ ପରିଚାଳିତ ଏବଂ ମୁକ୍ତିମଣ୍ଡପର ପଣ୍ଡିତମାନଙ୍କ ଦ୍ୱାରା ଦୈନନ୍ଦିନ ଶ୍ରୀଜୀଉମାନଙ୍କ ସେବାରତ ସେବାୟତ ମାନେ ମଧ୍ୟ ପରିଚାଳିତା ହେଉଥିବା ଜଣାଯାଏ । ଏପରିକି ପୂର୍ବେ ଜଗନ୍ନାଥ ମନ୍ଦିରର ପୂଜକମାନେ ଶଙ୍କରାଚାର୍ଯ୍ୟ ମଠରେ ଶିକ୍ଷା ଗ୍ରହଣ କରୁଥିଲେ ଓ ସେଠାରୁ ପ୍ରମାଣପତ୍ର ପାଇଲାପରେ ନିଜର କାର୍ଯ୍ୟ ସଂପାଦନ କରୁଥିଲେ । ତେଣୁ ଶଙ୍କରାଚାର୍ଯ୍ୟଙ୍କ ସହିତ ଶ୍ରୀମନ୍ଦିରର ଘନିଷ୍ଠ ସମ୍ପର୍କ ରହିଥିଲା । ବର୍ତ୍ତମାନ ସେପରି ବ୍ୟବସ୍ଥା ଅବଶ୍ୟ ନାହିଁ । ମୁକ୍ତିମଣ୍ଡପ ସହିତ ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ କୁହାଯାଇଛି, "The Sankaracharya of Puri, had the right to preside over the Mukti Mandapa, when ever this highest council of the temple assembled over matters of caste and religion. The council's decisions were signed and sealed by him. (The cult of Jagannath and the regional tradition of Orissa P–414). ବ୍ରିଟିଶ୍ ରାଜତ୍ୱ ସମୟରେ ତତ୍‌କାଳୀନ ପୁରୀ କଲେକ୍ଟର ଗ୍ରୋମ୍ ସାହେବ ନିଜ ରିପୋର୍ଟରେ ଜଣାଇଥିଲେ ଯେ; ମୁକ୍ତିମଣ୍ଡପ ସଭାର ସଦସ୍ୟମାନଙ୍କଦ୍ୱାରା ପରୀକ୍ଷା କରାଯାଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପୂଜାରୀମାନଙ୍କୁ ହିଁ ଶ୍ରୀମନ୍ଦିରରେ ନିଯୁକ୍ତ କରାଯାଉ । (ଗ୍ରୋମ୍ ରିପୋର୍ଟ–୧୮୦୫–ପାରା ୧୭ ଠାରୁ ୨୪ ପର୍ଯ୍ୟନ୍ତ) । ସଂପ୍ରତି ଏ ପ୍ରକାର ପରମ୍ପରା ଉପରେ ଆଉ ଗୁରୁତ୍ୱ ଦିଆଯାଉ ନାହିଁ । ପୂଜାପଣ୍ଡା ନିଯୋଗ ତଥା ଅନ୍ୟାନ୍ୟ ନିଯୋଗ ମାନଙ୍କଦ୍ୱାରା ଏ କାର୍ଯ୍ୟ ହେଉଅଛି । ମୁକ୍ତିମଣ୍ଡପର କେତେକ ପ୍ରଧାନ କାର୍ଯ୍ୟ ମଧ୍ୟରେ ଓଡ଼ିଶାର ଧର୍ମାଚରଣ ସମ୍ପର୍କୀୟ ବିଭିନ୍ନ ସମସ୍ୟାର ସମାଧାନରତ ଶାସ୍ତ୍ରୀୟ ବ୍ୟବସ୍ଥା ପ୍ରଦାନ, ପାପ ପାଇଁ ପ୍ରାୟଶ୍ଚିତ ବିଧାନ କରିବା, ନବକଳେବର ସମୟରେ ଦଇତାପତିମାନେ ଦାରୁ ଆଣିଲେ ଏମାନେ ପ୍ରତିଷ୍ଠା ହୋମ, ଯଜ୍ଞ ଇତ୍ୟାଦି କରିଥାନ୍ତି । ଏତଦ୍‌ବ୍ୟତୀତ ଦେଶର ଯେତେବେଳେ

Digitized by PPRACHIN, SOA

କୌଣସି ଅଶୁଭ ସୂଚନା ଦେଖାଯାଏ, ମୁକ୍ତିମଣ୍ଡପ ପକ୍ଷରୁ ଏକ ଜରୁରୀ ଅଧିବେଶନ ଡକାଯାଇ 'ନୀଳାଦ୍ରି ମହୋଦୟ' 'ବାମଦେବ ସଂହିତା' ଓ 'ମୟୁରଚିତ୍ର' ଆଦି ପ୍ରାଚୀନ ପୋଥିରେ ଉଲ୍ଲେଖ ଥିବା ଅଶୁଭ ସୂଚନା ଓ ପ୍ରତିକାର ଅନୁସାରେ କିପରି ଭାବରେ ଓ କେତେ ଟଙ୍କା ବ୍ୟୟରେ ଶାନ୍ତି ସ୍ଥାପନାର୍ଥେ ହୋମ, ଯଜ୍ଞ ଓ ନବଗ୍ରହ ପୂଜା କରାଯାଇ ପାରିବ, ତାହାର ଏକ ଖସଡ଼ା ତିଆରି କରି ତତ୍‌କାଳୀନ ମନ୍ଦିର ପରିଚାଳକ ପରିଚ୍ଛାଙ୍କୁ ଦେଉଥିଲେ ଓ ମନ୍ଦିର ପାଣ୍ଠିରୁ ଏହି ଖର୍ଚ୍ଚ ବହନ କରାଯାଇ ହୋମଯଜ୍ଞାଦି ସମାପନ କରାଯାଉଥିଲା। ସ୍ୱତ୍ୱଲିପି ମୁତାବକ ଦେଉଳ ପୁରୋହିତ ମୁକ୍ତିମଣ୍ଡପର ଅଧିକାରୀ ଅଟନ୍ତି। କିନ୍ତୁ ବର୍ତ୍ତମାନ ଏହା ମୁକ୍ତିମଣ୍ଡପ ସମ୍ପାଦକଙ୍କ ଦ୍ୱାରା କାର୍ଯ୍ୟନିର୍ବାହ ହେଉଛି। କାରଣ ୧୯୫୨ ମସିହାରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ପ୍ରସ୍ତୁତ ହେବା ସମୟରେ ମୁକ୍ତିମଣ୍ଡପର ତତ୍‌କାଳୀନ ସମ୍ପାଦକ ରୂପେ ଶ୍ରୀ ଗଣେଶ୍ୱର ମିଶ୍ର ଥିଲେ। ଏତଦ୍‌ବ୍ୟତୀତ ୧୯୬୫ ମସିହାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ସଂପର୍କରେ ମୁଦ୍ରଣ ହୋଇଥିବା ନୋଟିସ୍‌ର ଅବିକଳ ନକଲ ଏହିପରି ଥିଲା।—

ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

ମହାଶୟ;

ଆଗାମୀ ତା ୩୧.୧୦.୬୫ ରିଖ ରବିବାର ଅପରାହ୍ନ ଘ୫.୩୦ମି. ସମୟରେ ମୁକ୍ତିମଣ୍ଡପ ଉପରେ ମୁକ୍ତିମଣ୍ଡପାଧିକାରୀ ବ୍ରାହ୍ମଣ ମହାଜନମାନଙ୍କର ଏକ ସାଧାରଣ ସଭା ଅନୁଷ୍ଠିତ ହେବ ଓ ମୁକ୍ତିମଣ୍ଡପର କାର୍ଯ୍ୟ ନିର୍ବାହିକା ସମିତି ଗଠନ କରାଯାଇ ଗତ ତା୨୦.୧.୬୫ ରିଖ ବୈଠକର ନିର୍ଦ୍ଧାରଣ ମତେ ଭବିଷ୍ୟତ କର୍ମ୍ମପନ୍ଥା ସ୍ଥିର କରାଯିବ।

ଏହି ବୈଠକରେ ଆପଣମାନେ ଯୋଗ ଦେବାକୁ ବା ଆପଣଙ୍କ ଗ୍ରାମର ପ୍ରତିନିଧିତ୍ୱ କରିବାପାଇଁ କୌଣସି ବ୍ରାହ୍ମଣ ମହାଜନଙ୍କୁ ପଠାଇବାକୁ ଅନୁରୋଧ କରୁଅଛୁଁ।

ତା ୨୭.୧୦.୬୫ରିଖ

ଇତି

ଆବାହକ ବୃନ୍ଦ

ପଣ୍ଡିତ ଶ୍ରୀଗୋବିନ୍ଦ ଚନ୍ଦ୍ର ମିଶ୍ର, ଏମ.ଏ., ସଭାପତି

ପଣ୍ଡିତ ଶ୍ରୀ ସଚ୍ଚିଦାନନ୍ଦ ରଥ

Digitized by PPRACHIN, SOA

ପଣ୍ଡିତ ଶ୍ରୀ ଭୀମସେନ ଷଡ଼ଙ୍ଗୀ
ପଣ୍ଡିତ ଶ୍ରୀ ହରିହର ମିଶ୍ର
ପଣ୍ଡିତ ଶ୍ରୀ ସଦାଶିବ ବାହିନୀପତି
ପଣ୍ଡିତ ଶ୍ରୀ ବିଶ୍ୱନାଥ ମିଶ୍ର ଶର୍ମା
ସାମନ୍ତ ଶ୍ରୀ ଗୋପୀନାଥ ମହାପାତ୍ର ଶର୍ମା
ପଣ୍ଡିତ ଶ୍ରୀ ହରିହର ଦାଶ
ପଣ୍ଡିତ ଶ୍ରୀ ଗୋପୀନାଥ ମହାପାତ୍ର
ପଣ୍ଡିତ ଶ୍ରୀ ଭୁବନେଶ୍ୱର କର
ପଣ୍ଡିତ ଶ୍ରୀ ଚିନ୍ତାମଣି ମିଶ୍ର

ସଂପ୍ରତି ମୁକ୍ତିମଣ୍ଡପର ସଂପାଦକ ଶ୍ରୀ ଭୀମସେନ୍ ମିଶ୍ର ଓ ସଭାପତି ରୂପେ ଶ୍ରୀ କ୍ଷୀରୋଦ ମିଶ୍ର ରହିଅଛନ୍ତି।

ଶ୍ରୀମନ୍ଦିରର ଦେଉଳ ପୁରୋହିତ ଶ୍ରୀ ହରିହର ମହାପାତ୍ରଙ୍କ ଗୃହରେ ଏବେ ମଧ୍ୟ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏକ ପ୍ରାଚୀନ ସନନ୍ଦ ରହିଅଛି। ଏହି ସନନ୍ଦଟି ଭୁର୍ଜ ପତ୍ରରେ ଉଭୟ ପାର୍ସି ଓ ପ୍ରାଚୀନ କରଣୀ ଭାଷାରେ ଲିଖିତ ହୋଇଛି। ସନନ୍ଦର ତଳେ ପାର୍ସି ଭାଷାରେ ଏକ ଅସ୍ପଷ୍ଟ ମୋହର ମଧ୍ୟ ରହିଅଛି। ଏହି ସନନ୍ଦଟିର ଅବିକଳ ପ୍ରାଚୀନ କରଣୀ ଲେଖା ଏହିଭଳି ଅଟେ।

ସନନ୍ଦ

"ପୁରୁଷୋତ୍ତମ ବଡ଼ ଦେଉଳ ପରିଛା ଓ ସମସ୍ତ କାର୍ଜୀମାନଙ୍କୁ ମଧ୍ୟ ଚିଟାଉ। ବଡ଼ ଦେଉଳ ପୁରୋହିତ ଯେ ଜଗନାଥ ମହାପାତ୍ରଙ୍କୁ ମୁକ୍ତିମଣ୍ଡପ ଥାଳି ଅନ୍ନ ଦୁଇ ପ୍ରହର ଚାରି କୁଡୁଆ ସମ୍ବନ୍ଧରୁ କୁଡ଼ୁଆକରୁ ଚଉଠେ ଲେଖାଏଁ ଆଜ୍ଞା ଦେଲୁ। ଏ ଅନ୍ନ ପୁରୁଷାନୁକ୍ରମେ ଏହାଙ୍କୁ ଦେଉଥିବ। ମୁକ୍ତିମଣ୍ଡପ ବ୍ରାହ୍ମଣ ମାନଙ୍କର କୋଠ କଉଡ଼ି ଏହାଙ୍କ ଜିମା ରହିବ। ଏ ନ ଥାଇ ଭାଗ ପାଇବେ। ଏ ଯେଉଁ ରୂପେ ବ୍ୟବସ୍ଥା କରିବେ ସବୁ କଉଡ଼ି ସେହି ମତେ ବଣ୍ଟା ହେବ। ମୁକ୍ତିମଣ୍ଡପ ନାଁରେ ଯେତେ ପତ୍ରପାତ୍ର ଲେଖା ହେବ, ତାହା ଏ ଲେଖିବେ। ଆଉ ଯାହା କିଛି ଭଲ ମନ୍ଦ ଏହା ପ୍ରଧାନୀ ଓ ପାଣିଆ ଏହାଙ୍କୁ ପଚାରିବେ।

ଚାରିଅଙ୍କ କନ୍ୟା ପାଞ୍ଚ ଦିନ

(ଅସ୍ପଷ୍ଟ ସଂକ୍ଷିପ୍ତ ସ୍ୱାକ୍ଷର ରହିଅଛି)

ବି.ଦ୍ର. :— (ସନନ୍ଦଟିର ଅବିକଳ ନକଲ ପରିଶିଷ୍ଟ 'କ' — ପୃଷ୍ଠା ୪୫ ଦ୍ରଷ୍ଟବ୍ୟ)

Digitized by PPRACHIN, SOA

ମୁକ୍ତିମଣ୍ଡପର ଲମ୍ବ ୩୮ ଫୁଟ୍ ଓ ଓସାରରେ ମଧ ୩୮ ଫୁଟ୍। କଳାମୁଗୁନି ପଥରରେ ନିର୍ମିତ ଏହି ମଣ୍ଡପର ଉଚ୍ଚତା ୬ ଫୁଟ୍ ଅଟେ। ଷୋଳ ଗୋଟି ବିରାଟ ଗୋଲାକାରର ସ୍ତମ୍ଭ ଉପରେ ମଣ୍ଡପଟିର ପୀଢ଼ ଛାତ ନ୍ୟସ୍ତ ରହିଛି। ଏଥି ମଧ୍ୟରୁ ଚତୁଃପାର୍ଶ୍ୱରେ ୧୨ଗୋଟି ଏବଂ ମଝିରେ ଚାରୋଟି ସ୍ତମ୍ଭ ବିଦ୍ୟମାନ। ସ୍ତମ୍ଭ ଗୁଡ଼ିକ ମସୃଣ ଓ ଗାଢ଼କଳା ବର୍ଣ୍ଣର। ସ୍ତମ୍ଭ ଗୁଡ଼ିକର ଗୋଲେଇ ପ୍ରାୟ ୫ଫୁଟ୍ ଲେଖାଏଁ। ମଝିରେ ଥିବା ଚାରୋଟି ସ୍ତମ୍ଭରେ ସିମେଣ୍ଟ ଦିଆଯାଇ ସେଗୁଡ଼ିକୁ ପୃଥୁଳକାୟ କରାଯାଇଛି। (ଏହି ସିମେଣ୍ଟ କାର୍ଯ୍ୟ ବିଂଶ ଶତାବ୍ଦୀର ନବମ ଦଶକର ମଧ ଭାଗରେ ସଂପନ୍ନ ହୋଇଥିବାର ଅନୁମାନ କରାଯାଏ।) ପ୍ରତି ସ୍ତମ୍ଭର ଉଚ୍ଚତା ପ୍ରାୟ ୮ ଫୁଟ୍ ଏବଂ ସ୍ତମ୍ଭ ଶୀର୍ଷରେ ପଥରର 'ବିମ୍' ଦିଆଯାଇ ମୁକ୍ତିମଣ୍ଡପର ଉପର ଭାଗ ନିର୍ମିତ ହୋଇଅଛି। ଖ୍ରୀଷ୍ଟିୟ ଅଷ୍ଟାଦଶ ଶତାବ୍ଦୀରେ ରାଜା ବୀର କିଶୋର ଦେବଙ୍କ ରାଜତ୍ୱ ସମୟରେ ଶ୍ରୀଧର ପଟ୍ଟନାୟକଙ୍କ ଦ୍ୱାରା ଏହି ମଣ୍ଡପ ଛାତର ସଂପୂର୍ଣ୍ଣ ମରାମତି କାର୍ଯ୍ୟ ସଂପନ୍ନ ହୋଇଥିଲା। ମଣ୍ଡପର କାନ୍ଥ ଓ ଛାତରେ କେତେକ ଦେବ ଦେବୀ ମୂର୍ତ୍ତିର ଚିତ୍ର ଭାସ୍କର୍ଯ୍ୟ ରହିଛି। ମଣ୍ଡପର ପଶ୍ଚିମ ପାର୍ଶ୍ୱରେ କାଳୀଙ୍କ ଚିତ୍ର ରହିଛି। ପୁରୀର ପ୍ରସିଦ୍ଧ ଷୋଳ ଶାସନର ପ୍ରତିଭୂ ରୂପେ ଏଥିରେ ଷୋଳ ଗୋଟି ସ୍ତମ୍ଭ ରହିଛି। ଅତୀତରେ ଏହି ମଣ୍ଡପ ଉପରେ ବସୁଥିବା ଷୋଳଶାସନର ବ୍ରାହ୍ମଣ ପଣ୍ଡିତ ମଣ୍ଡଳୀ ଏକ ସମୟରେ ଏହାର ବିଚାର ଆଲୋଚନା ଓ ପରାମର୍ଶଦାତା ଥିଲେ। ଶାସକ ଗୋଷ୍ଠୀ ଏହାର ନିର୍ଦ୍ଦେଶକୁ ସମ୍ମାନ ହେଉଥିଲେ। ଜାତିଜାତି, ଗୋଷ୍ଠୀ ଗୋଷ୍ଠୀ ଏବଂ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଯେଉଁ ବାଦ ବିସମ୍ବାଦ ଉପୁଜିଥିଲା, ତାହାର ସମାଧାନରେ ମୁକ୍ତିମଣ୍ଡପର ନିଷ୍ପତ୍ତି ହିଁ ଥିଲା ଚୂଡ଼ାନ୍ତ। ଗଜପତି ମହାରାଜା ମଧ ଏଥିରେ ହସ୍ତକ୍ଷେପ କରୁନଥିଲେ। ଏପରିକି ମୁକ୍ତିମଣ୍ଡପ ଓଡ଼ିଶାର ଧର୍ମ କ୍ଷେତ୍ରରେ ଅଖଣ୍ଡ ପ୍ରଭାବ ବିସ୍ତାର କରିଥିଲା। ତତ୍‌କାଳୀନ ସମୟରେ ସାମାଜିକ ତଥା ଧାର୍ମିକ କ୍ଷେତ୍ରରେ ମୁକ୍ତିମଣ୍ଡପର ସିଦ୍ଧାନ୍ତକୁ ସର୍ବଶେଷ ସିଦ୍ଧାନ୍ତ ରୂପେ ଗ୍ରହଣ କରାଯାଉଥିଲା।

ପ୍ରତିବର୍ଷ ଶ୍ରାବଣମାସ ଶୁକ୍ଳ ଦଶମୀଠାରୁ ପ୍ରତିପଦା ଯାଏଁ ୭ଦିନ ପର୍ଯ୍ୟନ୍ତ ଶ୍ରୀଜୀଉମାନଙ୍କ ଝୁଲଣଯାତ୍ରା ଏହି ପବିତ୍ର ମଣ୍ଡପ ଉପରେ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ମାସ ଶୁକ୍ଳପକ୍ଷ ସପ୍ତମୀ ଦିନ ମୁକ୍ତିମଣ୍ଡପ ଓ ପଣ୍ଡିତ ସଭା ଉଦ୍ୟମରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଷୋଳ ଶାସନ ଭୋଗ କରାଯାଇଥାଏ। ଏହି ଭୋଗ ନିମନ୍ତେ ବ୍ରାହ୍ମଣ ଶାସନ ଓ ବହୁ ବଦାନ୍ୟ ବ୍ୟକ୍ତି ଅର୍ଥ ଦାନ କରିବା ସଙ୍ଗେ ସଙ୍ଗେ ହଜାର ହଜାର ସଂଖ୍ୟାରେ ବ୍ରାହ୍ମଣ ମହାଜନମାନେ ଶ୍ରୀମନ୍ଦିର ପରିସରରେ

Digitized by PPRACHIN, SOA

ମହାପ୍ରସାଦ ସେବନ କରିଥାନ୍ତି। ଭୋଇ ବଂଶର ଗଜପତି ରାମଚନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ଏହା ଆରମ୍ଭ ହୋଇଥିଲା ବୋଲି କେତେକ ଗବେଷକ ମତ ପ୍ରଦାନ କରିଛନ୍ତି। ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀମନ୍ଦିରରେ ପାଳିତ ହେଉଥିବା ନୃସିଂହ ଜନ୍ମନୀତି ମଣ୍ଡପ ଉପରେ ହୋଇଥାଏ ଏବଂ ମୁକ୍ତିମଣ୍ଡପ ପକ୍ଷରୁ ପନ୍ତୀ ଭୋଗ କରାଯାଇଥାଏ।

ମୁକ୍ତିମଣ୍ଡପରେ ଶ୍ରୀଗଣେଶ ଓ କାଳିକା ଦେବୀ ପ୍ରତ୍ୟହ ପୂଜିତ ହୁଅନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି ଯେ, ପ୍ରତ୍ୟହ ସକାଳ ଓ ଦ୍ୱିପ୍ରହର ଧୂପରେ ଦୁଇ ଥାଳି ମହାପ୍ରସାଦ ଏଠାକୁ ଆସେ। ଉକ୍ତ ଥାଳିରୁ ଚଉଠେ ପ୍ରଧାନି ନିଏ ଓ ଅବଶିଷ୍ଟାଂଶ ମଣ୍ଡପ ଉପରେ ବସିଥିବା ବ୍ରାହ୍ମଣମାନେ ପାଆନ୍ତି। ସନ୍ଧ୍ୟାବେଳେ ଏଠାରେ ପୁରାଣ ହେଉଥିବା ଯୋଗୁଁ ଗୋଟିଏ ବଡ଼ ଆରିସା ଖେଇ ଭାବରେ ମିଳେ। ଏତଦ୍‌ବ୍ୟତୀତ ଆଠଗଡ଼ ରାଜାଙ୍କ ପ୍ରଦତ୍ତ ମହାଦେଇ ଥାଳି ଶ୍ରୀ ରାମ ଦାସ (ଦକ୍ଷିଣ ପାର୍ଶ୍ୱ) ମଠ ଜରିଆରେ ମିଳୁଥିଲା। ଗତ ପ୍ରାୟ ୧୨ ବର୍ଷ ହେବ ଏହି ଭୋଗ ହେଉନାହିଁ। ମୁକ୍ତିମଣ୍ଡପ ଉପରେ ଥିବା ଗଣେଶଙ୍କୁ ପୂଜାପଣ୍ଡା ଭୋଗ କରନ୍ତି। କୋଠ ଖଞ୍ଜାରୁ ଦୈନିକ ବଲ୍ଲଭ କୋରା ୨ଟି ଭୋଗ ସକାଶେ ମିଳେ ଓ କାଳୀଙ୍କ ପାଶେ ଯେଉଁ ୨ଥାଳି ମହାପ୍ରସାଦ ଆସେ, ତାହା କେବଳ ସମର୍ପଣ ପରେ ମୁକ୍ତିମଣ୍ଡପର ବ୍ରାହ୍ମଣମାନେ ପାଆନ୍ତି। ଗଜପତି ମହାରାଜା ଶ୍ରୀଜଗନ୍ନାଥ ଦର୍ଶନକୁ ବିଜେ କଲେ ଶ୍ରୀଜୀଉମାନଙ୍କ ଦର୍ଶନ କରି ଦକ୍ଷିଣଦ୍ୱାର ବାଟେ ଫେରିବା ସମୟରେ ମୁକ୍ତିମଣ୍ଡପରେ ମୁଣ୍ଡ ଲଗାଇ ପ୍ରଣାମ କରିଥାନ୍ତି। ସେତେବେଳେ ଜଗନ୍ନାଥ ଦର୍ଶନ ସମୟପରି ଏହି ସମୟରେ କାହାଳୀ ମଧ୍ୟ ବାଜେ। ଏତଦ୍‌ବ୍ୟତୀତ ଭାରତର ବହୁ ବିଶିଷ୍ଟ ବ୍ୟକ୍ତି, ପଣ୍ଡିତ, ଦର୍ଶନାର୍ଥୀ ତଥା ଭକ୍ତଗଣ ଏହି ମଣ୍ଡପରେ ମୁଣ୍ଡ ଲଗାଇ ଆର୍ଶିବାଦ ଗ୍ରହଣ କରିଥାନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ଅନୁଯାୟୀ 'ମୁକ୍ତିମଣ୍ଡପ' ଉପରେ ବସିବାର ଅଧିକାର ପାଇଥିବା ଜଣେ ପ୍ରତିନିଧି ଶ୍ରୀମନ୍ଦିର ପରିଚାଳନା କମିଟିକୁ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି।

□ □ □

Digitized by PPRACHIN, SOA

ମୁକ୍ତିମଣ୍ଡପ ପଣ୍ଡିତ ସଭା

ଶ୍ରୀଜଗନ୍ନାଥ ମନ୍ଦିରରେ ଗୋଟିଏ ମୁକ୍ତିମଣ୍ଡପ ଥିଲେ ମଧ୍ୟ ମୁଖ୍ୟତଃ ଦୁଇଟି ସଂସ୍ଥା ଏହାରି ନାମରେ କାର୍ଯ୍ୟ କରୁଛି । ଗୋଟିଏ ହେଉଛି, ମୁକ୍ତିମଣ୍ଡପ ଓ ଦ୍ୱିତୀୟଟି ମୁକ୍ତିମଣ୍ଡପ ପଣ୍ଡିତ ସଭା । ବିଭିନ୍ନ ଶାସ୍ତ୍ର ଚର୍ଚ୍ଚା ଓ ଧାର୍ମିକ ସମସ୍ୟାର ନିରାକରଣ ପାଇଁ ପଣ୍ଡିତମାନଙ୍କର ଏକ ବିଧିବଦ୍ଧ ଅନୁଷ୍ଠାନ ନ ଥିଲା । ତେଣୁ 'ମୁକ୍ତିମଣ୍ଡପ ପଣ୍ଡିତ ସଭା' ନାମରେ ଏକ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଥିଲା । ବିଭିନ୍ନ କାଗଜାତ୍ ଓ ସମ୍ବାଦପତ୍ରର ବିବରଣୀ ଅନୁଯାୟୀ ଏହି ଅନୁଷ୍ଠାନଟି ପ୍ରାଚୀନ ନୁହେଁ ।

'ମୁକ୍ତିମଣ୍ଡପ ପଣ୍ଡିତ ସଭା' ସଂପର୍କରେ ଏକ ବିଶେଷ ତଥ୍ୟ ୧୯୦୫ ମସିହା ମଇ ମାସ ୨୦ ତାରିଖ "ଉତ୍କଳ ଦୀପିକା" ସଂଖ୍ୟାରେ ପ୍ରକାଶିତ ହୋଇଛି । ତତ୍କାଳୀନ ଏହି ସାପ୍ତାହିକ ସମ୍ବାଦପତ୍ରରେ ପ୍ରକାଶ ପାଇଥିବା ଗୁରୁତ୍ୱପୂର୍ଣ୍ଣ ସମ୍ବାଦର ଅବିକଳ ନକଲ ଅନୁଯାୟୀ "ଆବାହମାନ କାଳରୁ ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟରେ ବ୍ରହ୍ମାଙ୍କ ଆସନ ରୂପେ ପ୍ରତିଷ୍ଠିତ ଶ୍ରୀ ମୁକ୍ତିମଣ୍ଡପର ପଣ୍ଡିତମାନଙ୍କଠାରୁ ଦେଶ ଦେଶାନ୍ତରର ହିନ୍ଦୁ ସନ୍ତାନମାନେ ନାନାବିଧ ଧର୍ମ ଶାସ୍ତ୍ରୀୟ ବ୍ୟବସ୍ଥାମାନ ଦେଇ ନିଜ ନିଜ ଶ୍ରୌତ ସ୍ମାର୍ତ୍ତ କର୍ମମାନ ସମ୍ପାଦନ କରିଥାନ୍ତି । ଅଥଚ ଶ୍ରୀମନ୍ଦିରର ପୂର୍ବ ଓ ନୀତି ସକଳ ତଦନୁସାରେ ନିର୍ବାହିତ ହେଉଥିବା ପ୍ରତ୍ୟକ୍ଷେ ଶ୍ରୀମୁକ୍ତିମଣ୍ଡପର ମୀମାଂସିତ ତାବତୀୟ ବ୍ୟବସ୍ଥା ସମସ୍ତଙ୍କର ମାନନୀୟ ହୋଇଥାଏ । ସମୟେ ସମୟେ ଜିଜ୍ଞାସୁମାନେ ସେଠାରେ ଉପସ୍ଥିତ ହୋଇ ନାନାବିଧ ପ୍ରଶ୍ନର ସଦୁତ୍ତର ପାଇଥାନ୍ତି । ମାତ୍ର ଦଶ ବାର ବର୍ଷ ହେଲା ପୁରୀ ରାଜବଂଶର ବିଶୃଙ୍ଖଳା ଓ ପଣ୍ଡିତମାନଙ୍କର ସେଠାରେ ନିୟମିତ ବୈଠକ ହେଉ ନଥିବାରୁ ମୂର୍ଖ ଲୋକେ ସେହି ପବିତ୍ର ସ୍ଥାନକୁ ଅପବିତ୍ର ଓ ଅର୍ଥ ପ୍ରାପ୍ତିର କେବଳ ଉପାୟ କରିଅଛନ୍ତି ଏବଂ କୌଣସି ବ୍ୟବସ୍ଥା ସ୍ୱୟଂ ଉପସ୍ଥିତ ହୋଇଥିଲେ ଅର୍ଥ ଲୋଭରେ ସେହି ଅନାଡ଼ୀ ଅଜ୍ଞ ବ୍ରାହ୍ମଣ ମାନେ ଗୋପନରେ ଯଥେଚ୍ଛା

Digitized by PPRACHIN, SOA

ଅସଂଗତ ବ୍ୟବସ୍ଥାଦି ଦେଉଥିବାରୁ ଲୋକଙ୍କର ପଦେ ପଦେ ଧର୍ମହାନି ଘଟୁଥିଲା । କିନ୍ତୁ ଏହି ଦୁର୍ନୀତି ସବୁ ଦୂର ହୋଇ ଆତ୍ମଗୌରବ ରକ୍ଷା ହେବା ଉଦ୍ଦେଶ୍ୟରେ ସଂପ୍ରତି ପୁରୀର ପଣ୍ଡିତଗଣ ଓ ସନ୍ୟାସୀ ବ୍ରହ୍ମଚାରୀମାନେ ଶ୍ରୀମନ୍ଦିରର ମେନେଜର ମହାଶୟଙ୍କ ପ୍ରରୋଚନାରେ ସେହି ପବିତ୍ର ସ୍ଥାନରେ ପୂର୍ବବତ୍ ନିୟମିତ ସଭା କରି ଶାସ୍ତ୍ର ଆଲୋଚନା ଓ ଶାସ୍ତ୍ର ସମତ ବ୍ୟବସ୍ଥାଦି ପ୍ରଦାନ କରୁଅଛନ୍ତି ଏବଂ ଶ୍ରୀମୁକ୍ତିମଣ୍ଡପର ଅଧିକାରୀ ବ୍ରାହ୍ମଣମାନଙ୍କର ରୀତି ନୀତିର ଆଲୋଚନା ଓ ସୁବ୍ୟବସ୍ଥା କରାଉଅଛନ୍ତି । ଅତଏବ ସଂପ୍ରତି ଯେଉଁମାନେ ଶ୍ରୀମୁକ୍ତିମଣ୍ଡପ ସଭାରୁ କୌଣସି ଶାସ୍ତ୍ରୀୟ ବ୍ୟବସ୍ଥା ନେବାକୁ ଇଚ୍ଛା କରିବେ, ସେମାନେ "ଶ୍ରୀମୁକ୍ତିମଣ୍ଡପ ପଣ୍ଡିତ ସଭା" ସଭାପତି ଶ୍ରୀ ଶଙ୍କର ମଧୁସୂଦନ ତୀର୍ଥ ସ୍ୱାମୀ, ଗୋବର୍ଦ୍ଧନ ମଠ ଅଥବା 'ସଂପାଦକ ପଣ୍ଡିତ ଶ୍ରୀ ସଦାଶିବ ମିଶ୍ର, କାବ୍ୟକଣ୍ଠ, ଦୋଳମଣ୍ଡପ ସାହି, ପୁରୀ ଠିକଣାରେ ପତ୍ର ଲେଖିବେ । ବ୍ୟବସ୍ଥା ପ୍ରେରଣର ଡାକବ୍ୟୟ ଓ ଶ୍ରୀମୁକ୍ତିମଣ୍ଡପ ସକାଶେ ଉପଯୁକ୍ତ ଆର୍ଥିକ ସମ୍ମାନ ପ୍ରେରଣ ନ କଲେ କେହି ବ୍ୟବସ୍ଥା ବା ଉତର ପାଇ ପାରିବେନାହିଁ । ସଭା ପ୍ରଦତ୍ତ ବ୍ୟବସ୍ଥାଦିରେ ସଭାର ନାମାଙ୍କିତ ମୋହର ଚିହ୍ନିତ ହୋଇଥିବ । ତାହା ହୋଇ ନଥିଲେ, 'ମୁକ୍ତିମଣ୍ଡପ' ବ୍ୟବସ୍ଥା ବୋଲି କେହି ମନେ କରିବେ ନାହିଁ । ସଭାର ଇଂ ତା ୩୧. ୩. ୦୫ରିଖର ୩୪ ଅଧିବେଶନର ୯ମ ନିର୍ଦ୍ଧାରଣ ଅନୁସାରେ ଏହି ବିଜ୍ଞାପନ ପ୍ରଚାର କରାଗଲା ।"

ଶ୍ରୀମୁକ୍ତିମଣ୍ଡପ ପଣ୍ଡିତ ସଭା
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ
ତା ୧୦. ୫. ୦୫

ଶ୍ରୀ ଜୟକୃଷ୍ଣ ମିଶ୍ର
କାବ୍ୟତୀର୍ଥ
ସହ-ସଂପାଦକ

ଏହା ପୂର୍ବରୁ 'ମୁକ୍ତିମଣ୍ଡପ ପଣ୍ଡିତ ସଭା' ସଂପର୍କରେ କୌଣସି ତଥ୍ୟ ମିଳୁନାହିଁ । କେବଳ ୧୯୦୪ ମସିହା ଅଗଷ୍ଟ ୨୦ ତାରିଖ "ଉତ୍କଳ ଦୀପିକା"ରେ ପ୍ରକାଶିତ ଏକ ସମ୍ବାଦ ଅନୁଯାୟୀ "ଶ୍ରୀମନ୍ଦିର ମଧ୍ୟରେ ଇଲେକ୍‌ଟ୍ରିକ୍ ଲାଇଟ୍ ବା ବୈଦ୍ୟୁତିକ ଆଲୋକ ଦେବାର ପ୍ରସ୍ତାବ ମ୍ୟାନେଜର ମହୋଦୟ କରିଥିବାରୁ କେହି କେହି ସେ ବିଷୟରେ ବିରୋଧ ମତ ପ୍ରକାଶ କରିଥିଲେ ମାତ୍ର ମ୍ୟାନେଜର ମହୋଦୟ ମୁକ୍ତିମଣ୍ଡପ ପଣ୍ଡିତମାନଙ୍କୁ ବ୍ୟବସ୍ଥା ଦେବା ସକାଶେ ଅନୁରୋଧ କରିବାରୁ ପଣ୍ଡିତମାନେ ଯଥାବିଧି ବ୍ୟବସ୍ଥା ଲେଖି ସମ୍ମତି ପ୍ରଦାନ କରିଅଛନ୍ତି । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ୧୯୦୪ ମସିହାରେ ବିଧିବଦ୍ଧ ଭାବେ ମୁକ୍ତିମଣ୍ଡପ ପଣ୍ଡିତ ସଭା ନାମରେ ଏକ ଅନୁଷ୍ଠାନ ଗଠିତ ହୋଇ ନଥିଲା ।

Digitized by PPRACHIN, SOA

ପଣ୍ଡିତ ସଭା ସଂପର୍କରେ ପୁନଶ୍ଚ ୧୯୨୪ ମସିହା ମାର୍ଚ୍ଚ ୧୫ ତାରିଖ ସଂଖ୍ୟା "ଉତ୍କଳ ଦୀପିକା"ରେ ପ୍ରକାଶିତ ଅନ୍ୟ ଏକ ବିବରଣୀ ଅନୁଯାୟୀ 'ପୁରୀବାସୀ'ରୁ ଅବଗତ ହେଲୁଁ, ତତ୍ରତ୍ୟ ମହାମହୋପାଧ୍ୟାୟ ଶ୍ରୀ ସଦାଶିବ ମିଶ୍ର, କାବ୍ୟକଣ୍ଠଙ୍କ ପରିଚାଳିତ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଅଧିବେଶନ ଗତ ୯ ତାରିଖ ଦିନ ହୋଇଥିଲା। ସଭାରେ ଶାସନୀୟ ବ୍ରାହ୍ମଣମାନେ, ପୁରୀର ଜମିଦାର, ଓକିଲ ଆଦି ଅନ୍ୟାନ୍ୟ ଭଦ୍ରବ୍ୟକ୍ତି ଏବଂ ସଭାର ସଭ୍ୟ ମିଶି ପ୍ରାୟ ଦୁଇ ଶତ ଲୋକ ଉପସ୍ଥିତ ଥିଲେ। ସଭାପତି ବିଷୟରେ ସଭାରେ ତର୍କ ବିତର୍କ ହୋଇଥିଲା। ବିପକ୍ଷ ଦଳଙ୍କ ପ୍ରାର୍ଥନାରେ ପୋଲୀଶ ଦଳ ସଭାରେ ଉପସ୍ଥିତ ଥିଲେ, ମାତ୍ର ଭୋଟ ନେବାରେ ଅଧିକାଂଶ ଲୋକ ଶ୍ରୀ ବଳଦେବ ପ୍ରକାଶ ବ୍ରହ୍ମଚାରୀଙ୍କ ସପକ୍ଷରେ ଭୋଟ ହେବାରୁ ସେ ସଭାପତି ହୋଇଥିଲେ। ତତ୍ ପରେ ରୀତି ମତ ସଭା ହୋଇ ସଭାର ଗତ ୧୪ ବର୍ଷର ଆୟ ବ୍ୟୟ ବିବରଣୀ ଆଦି ପାଠ ହୋଇ ସର୍ବ ସମ୍ମତିରେ ଗୃହୀତ ହେଲା। ମହା ମହୋପାଧ୍ୟାୟ ମହାଶୟ ଆପଣାର ଶତ୍ରୁମାନଙ୍କ ଶତ୍ରୁତା ଏବଂ ନିଜର ବାର୍ଦ୍ଧକ୍ୟ ହେତୁ ସଭାର ସମ୍ପାଦକ ପଦ ତ୍ୟାଗ କାମନା କରି ଥିଲେ। ମାତ୍ର ସଭାକୁ ସ୍ଥାୟୀ ଭିତ୍ତି ଉପରେ ସ୍ଥାପନା କରିଦେବା ପର୍ଯ୍ୟନ୍ତ ଆଉ କିଛି କାଳ କାର୍ଯ୍ୟ କରିବା ନିମନ୍ତେ ସମସ୍ତେ ଅନୁରୋଧ କରିବାରୁ ସେ ଆପଣାର ସଙ୍କଳ୍ପ ପରିତ୍ୟାଗ କଲେ। ପୁରୀରେ ଗତ ଡିସେମ୍ବର ମାସ ତା ୩୦ ରିଖରେ ଏହି ସଭାର ବିରୁଦ୍ଧରେ ହୋଇଥିବା ସଭା ବେଆଇନ୍ ସଭା ରୂପେ ଘୋଷିତ ହେଲା। ତତ୍ ପରେ ଉକ୍ତ ସଭାର କାର୍ଯ୍ୟ ନିର୍ବାହିକା ସମିତି ଏବଂ ସବ୍‌କମିଟି ଗଠନ ପରେ ସେଦିନର କାର୍ଯ୍ୟ ଶେଷ ହେଲା। ଭବିଷ୍ୟତକୁ ଶଙ୍କର ଶ୍ରୀ ଶଙ୍କର ବଳଦେବ ପ୍ରକାଶ ବ୍ରହ୍ମଚାରୀ ସ୍ଥାୟୀ ସହକାରେ ସଭାପତି ହୋଇ ରହିଲେ।" ତତ୍କାଳୀନ ସମୟରେ 'ମୁକ୍ତିମଣ୍ଡପ ପଣ୍ଡିତ ସଭା'ର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ପଣ୍ଡିତ ସଭା ମଣ୍ଡଳୀ ତରଫରୁ ସମ୍ପାଦକ ପଣ୍ଡିତ ସଦାଶିବ ମିଶ୍ର ତା ୧୧. ୯. ୧୯୨୫ ରେ 'ଉତ୍କଳ ଦୀପିକା'ରେ ପ୍ରକାଶ କରିଥିଲେ ଯେ, "ଅଦ୍ୟ ସଭାରେ ଉତ୍କଳ ଭାରତୀ କୁମାରୀ କୁନ୍ତଳା ସାବତଙ୍କ ପ୍ରେରିତ × × × ଗଦ୍ୟ ପଦ୍ୟାତ୍ମକ ଚାରି ଖଣ୍ଡ ପୁସ୍ତକ କେତେକ ଅଂଶରେ ପଠିତ ଓ ଆଲୋଚିତ ହେଲା. ତାଙ୍କର ଲେଖା ସାରଗର୍ଭକ ପବିତ୍ର ଭାବ ପୂର୍ଣ୍ଣ × × × ଏତତ୍‌ବ୍ୟତୀତ ୧୯୧୨ ମସିହାରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଆନୁକୂଲ୍ୟରେ ଏକ ବେଦ ବିଦ୍ୟାଳୟ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ତତ୍କାଳୀନ ବିହାର ଓଡ଼ିଶା ଶିକ୍ଷା ବିଭାଗର ଡାଇରେକ୍ଟର ସାହେବ ଉକ୍ତ ବିଦ୍ୟାଳୟର ଏକ ମାତ୍ର ଅଧ୍ୟାପକଙ୍କ

Digitized by PPRACHIN, SOA

ମାସିକ ବୃତ୍ତି ୧୫ ଟଙ୍କା ମଞ୍ଜୁର କରିଥିବା ଓ ୧୯୧୩ ମସିହା ଡିସେମ୍ବର ୬ ତାରିଖ ଦିନ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପୁସ୍ତକାଳୟରେ ବାମଣ୍ଡାଧୀଶ୍ୱର ଓ ସୋନପୁର ମହାରାଜାଙ୍କୁ ଅଭ୍ୟର୍ଥନା ଦିଆଯାଇଥିବା ଜଣାଯାଏ । ପୁନଶ୍ଚ ୧୯୧୭ ମସିହା ମଇ ମାସ ୩୧ ତାରିଖ ରାତ୍ରରେ ଶ୍ରୀମନ୍ଦିରର ଭୂତପୂର୍ବ ରାୟ ସାହେବ ଗୌରଶ୍ୟାମ ମହାନ୍ତି ମହୋଦୟଙ୍କୁ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ''ଭକ୍ତିରତ୍ନ'' ଉପାଧି ପ୍ରଦତ୍ତ ହୋଇଥିବା ଜଣାଯାଏ । ଓଡ଼ିଶାର କେତେକ ପ୍ରାଚୀନ ପୁସ୍ତକ ଓ ସମ୍ବାଦପତ୍ରରୁ ଜଣାଯାଏ ଯେ, ଭାରତ ଏବଂ ଭାରତ ବାହାରର ଅନ୍ୟାନ୍ୟ ବହୁ ବିଶିଷ୍ଟ ବିଦ୍ୱାନଙ୍କ ମଧ୍ୟରେ ଅକ୍ସଫୋର୍ଡ଼ର ପ୍ରଫେସର ମ୍ୟାକଡୋନାଲ, ତତ୍କାଳୀନ ବିହାର ଉତ୍କଳ ଗଭର୍ଣ୍ଣର ଏଡ଼ୱାର୍ଡ଼ ଗେଟ୍, କାଶୀ ପ୍ରସାଦ ଜୟସୁଆଲ୍, ଡଃ ଗଣନାଥ ସେନ୍, ଯୋଗେଶ ଚନ୍ଦ୍ର ରାୟ, ସାର ଜନ୍ ଉଡ଼ରଫ୍, ଦେବୀ ପ୍ରସାଦ ସର୍ବାଧୀକାରୀ, ବ୍ୟାସ କବି ଫକୀର ମୋହନ ଓ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଇତ୍ୟାଦିଙ୍କୁ ଏହି ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏତଦ୍‌ବ୍ୟତୀତ ୧୯୪୯ ମସିହାରେ ଶ୍ରୀ ରାଜଗୋପାଳଚାରୀଙ୍କୁ ପଣ୍ଡିତସଭା ପକ୍ଷରୁ ସମ୍ମାନିତ କରାଯାଇଥିଲା । ଉକ୍ତ ସମ୍ମାନିତ ପତ୍ରର ଲେଖାଟି ଶ୍ରୀ କେଶବ ଚନ୍ଦ୍ର ରାଜଗୁରୁଙ୍କଠାରୁ ହସ୍ତଗତ ହୋଇଅଛି । ଲେଖାଟି ଏହିଭଳି ଥିଲା ।

ମୁକ୍ତିମଣ୍ଡପ ପଣ୍ଡିତ ସଭା, ଶ୍ରୀ ଜଗନ୍ନାଥ ମନ୍ଦିରମ୍, ପୁରୀ
ମହାମାନ୍ୟବର ଚକ୍ରବର୍ତ୍ତୀ ଶ୍ରୀ ରାଜଗୋପାଳାଚାରୀ ମହୋଦୟାନାଂ
ସ୍ୱାଗତ ପତ୍ରମ୍

ଯତ୍‌ସଂକଳ୍ପବଶାଜ୍ଜଗତ୍ ସମଭବଦ୍, ବାଞ୍ଛନ୍ତି ସର୍ବେ ସଦା
ଯତ୍‌କାରୁଣ୍ୟ, ମୁପାସିତୋ ଭବତି ଯଃ ଶ୍ରୀ ନୀଳଶୈଳେ ବିଭୁଃ ।
ଦାରୁବ୍ରହ୍ମାତୟାଽଦିଶକ୍ତିବିମଳା ପାର୍ଶ୍ୱେ ସ୍ଥିତୋ, ୟେନ ସନ୍
ମାର୍ଗୋ ବେଦବିଦାଂ ଚକାସ୍ତି, ଜଗତାଂ ନାଥଂ ହୃଦରାଧୟେତ୍ । ୧ ।

ଧର୍ମଂ ସନାତନବିଦଃ ସତତଂ ଗିରନ୍ତି
ଶ୍ରଦ୍ଧା ଜୁଷେ ସକଳତତ୍ତ୍ୱମୁପାଦିଶନ୍ତି ।
ଶ୍ରଦ୍ଧାର୍ଥମେବ ମନୁଭୂୟ ଗଭୀର ଦୁଃଖ -
ମାଜନ୍ମ ଶର୍ମବିଧୟେ ଜଗତାଂ ଯତନ୍ତେ । ୨ ।

Digitized by PPRACHIN, SOA

ଶ୍ରୀ ରାମରାଜ୍ୟ ମନିସଂ ମମ ଦେଶବାସୋ
ବାହଂ ଭୁନକ୍ତୁ ସୁବିଚାର୍ଯ୍ୟ ମୁଦା ସୁଚିରେ ।
ଇତଥଂ ବିମୃଶ୍ୟ ସହସା ସମୁଦୌର୍ଯ୍ୟ ରାମମ୍,
ଗାର୍ବାଣଧାମନି ଗତାଃ ଖଲୁ ଗାନ୍ଧିନୋ ନଃ । ୩ ।

ଧନ୍ୟାବୟଂ ବିଦିତଭାରତଭାରତେକମ୍
ଶ୍ରୀ ଭାରତେଶୃରମିମଂ ମହୁରର୍ଚ୍ଚାୟାମଃ ।
ପୁଣ୍ୟେଽହ୍ନି ପୁଣ୍ୟନଗରେ ପରମଂ ପବିତ୍ରମ୍,
କାମ ନିଧାୟ ଶିରସୌଶ୍ୱର ପାଦପଦ୍ମମ । ୪ ।

ଦେଶୋଽୟଂମୁଉକ୍ରଳ ଇଳାତଲଗୋତନାମା
ଶୋଳେନ ସର୍ବବିଷୟେ ସୁସମାହିତୋଽପି
ସାର୍ଥକରୋତି ନିଜନାମ, ଜନଂ ସ୍ୱକୋୟମ୍,
ଶ୍ରୀଭାରତେଶୃର ପଦେ ସ୍ଥିତ-ମାବିଲୋକ୍ୟ । ୫ ।

ପୂର୍ଯ୍ୟତ୍ର ଘୋର ! ଜଗଦିସନିବାଶହେତୋଃ
ହୃଦ୍ୟାଽର୍ଥ୍ୟାବଜ୍ୟା ପରିମାଜିତରିତୋ
ପ୍ରାପ୍ୟାଦ୍ୟ ଭାରତଧାରାରମଣଂ ମହାନ୍ତ-ମାନଦ
ପୁଲ୍ଲବପୁଷା ବୃଣୁତେ ପ୍ରକାମମ୍ । ୬ ।

ପୀଠେଽତ୍ର ପୂଜ୍ୟଚରଣାଃ କରୁଣାବତାରାଃ,
ଆଗତ୍ୟ ପ୍ରାପ୍ୟ ପୂରଶାଂ ମୁଦମପ୍ତକାମାଃ,
ଶ୍ରୀ ଶଙ୍କରାଦୟ ଉଦାର-ମହାନୁଭାବାଃ କାଳେ
କଳୌ ଦିବିଗତା ଭୁବି କୋନ୍ତି ସାରାଃ । ୭ ।

ଶ୍ରୀ ମୁକ୍ତିମଣ୍ଡପ ସୁଧୌସ ମାମୃନୈନେ
କ୍ଷେତ୍ରେଽତ୍ର ଦାରୁବପୁଷଃ ପୁରୁଷୋତ୍ତମସ୍ୟ
ଆସ୍ତେ ଶ୍ରୀଶସ୍ତିମୁପଗମ୍ୟ ସମସ୍ତଦେଶେ,
ବୃତେ ମୁଦାତ୍ର-ଭବତାଂ ସୁସମାଗମଂ ବଃ । ୮ ।

ଶ୍ରୀ ନୀଳଶୈଳନିଳୟୋ ବିଦଧାତୁ ଭବ୍ୟମ୍,
ସେବ୍ୟଃ ସଦାଶିବବପୁର୍ଭବତାଂ ନିକାମମ୍

Digitized by PPRACHIN, SOA

କାଳେ ପୁନର୍ଭବତୁ ଭାଗ୍ୟନିୟୋଗଲଭ୍ୟଃ ସଂଗଃ
ସତାଂ ସୁବିଦୁଷାଂ ପୁରୁଷୋତ୍ତମେଽସ୍ମିନ୍ । ୯ ।

ଶ୍ରୀ ଜଗନ୍ନାଥ ମନ୍ଦିରମ୍ — ସମର୍ପକାଃ
ପୁରୀ, ତା ୨.୧୨.୧୯୪୯ — ମୁକ୍ତିମଣ୍ଡପ ପଣ୍ଡିତ ସଭା ସଦସ୍ୟାଃ

୧୯୨୬ ମସିହା ଜାନୁୟାରୀ ୮ ତାରିଖରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ସଂପାଦକ ପଣ୍ଡିତ ସଦାଶିବ ମିଶ୍ର ଅରୁଣୋଦୟ ପ୍ରେସ୍ ପଞ୍ଜିକା ସପକ୍ଷରେ ପଣ୍ଡିତ ସଭାର ବ୍ୟବସ୍ଥା ପତ୍ର ପ୍ରଦାନ କରିଥିବା ବିଷୟ ମଧ୍ୟ 'ଉତ୍କଳ ଦୀପିକା'ରେ ପ୍ରକାଶିତ ଏକ ସମ୍ବାଦରୁ ଜଣାଯାଏ । ଏଥିରୁ ସ୍ପଷ୍ଟଭାବେ ଜଣାଯାଏ ଯେ ୧୯୧୨ ମସିହା ପୂର୍ବରୁ 'ମୁକ୍ତିମଣ୍ଡପ ପଣ୍ଡିତ ସଭା' ଗଠିତ ହୋଇ ସାରା ଓଡ଼ିଶା ତଥା ଭାରତ ବର୍ଷରେ ପ୍ରସିଦ୍ଧି ଲାଭ କରି ସାରିଥିଲା । ମୁକ୍ତିମଣ୍ଡପ ପଣ୍ଡିତ ସଭାର ପ୍ରଥମ ସଂପାଦକ ରୂପେ ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର ଓ ପୁରୀ ଶଙ୍କରାଚାର୍ଯ୍ୟ ସଭାର ସ୍ଥାୟୀ ସଭାପତି ରୂପେ ମନୋନୀତ ହୋଇଥିଲେ । ଶ୍ରୀମନ୍ଦିର ରେକର୍ଡ଼ ରୁମ୍‌ରେ ରହିଥିବା ପୁରାତନ କାଗଜପତ୍ରରୁ ଜଣାଯାଏ ଯେ; ୧୯୪୬-୪୭ ମସିହାରେ 'ମୁକ୍ତିମଣ୍ଡପ ପଣ୍ଡିତ ସଭା'ର ଏକ କାର୍ଯ୍ୟ ନିର୍ବାହିକା କମିଟି ଗଠିତ ହୋଇଥିଲା । ଗଜପତି ମହାରାଜା ରାମଚନ୍ଦ୍ର ଦେବ ଶ୍ରୀମନ୍ଦିରର ସୁପରିଟେଣ୍ଡେଣ୍ଟ ଥିବା ସମୟରେ ଏହି କମିଟି ହୋଇଥିଲା । ସେଥିରେ ନିମ୍ନଲିଖିତ ବ୍ୟକ୍ତିମାନେ ମନୋନୀତ ହୋଇଥିଲେ ।

୧.	ପରମହଂସ ପରିବ୍ରାଜକାଚାର୍ଯ୍ୟ ଜଗଦଦ୍‌ଗୁରୁ ସ୍ୱାମୀ ଶ୍ରୀ ଶ୍ରୀ ଭାରତୀ	ସଭାପତି
୨.	ମହାମହୋପାଧ୍ୟାୟ ପଣ୍ଡିତ ଶ୍ରୀ ଦାମୋଦର ଶାସ୍ତ୍ରୀ	ଉପସଭାପତି
୩.	ଶ୍ରୀ ଲୋକନାଥ ମିଶ୍ର, ଏମ୍.ଏ.ବି.ଏଲ୍., (ଏମ୍.ଏଲ୍.ଏ)	ଉପସଭାପତି
୪.	ଶ୍ରୀ ଗତିଶ୍ୱର ମିଶ୍ର, ଏମ୍.ଏ.ବି.ଏଲ୍.	ଅଫିସ୍ ସଂପାଦକ
୫.	ଶ୍ରୀ ଗଙ୍ଗାଧର ମହାପାତ୍ର, ଏମ୍.ଏ.ବି.ଏଲ୍.	ସାଧାରଣ ସଂପାଦକ
୬.	ଶ୍ରୀ ସଦାନନ୍ଦ ମହାପାତ୍ର –	ସହସଂପାଦକ (ଲାଇବ୍ରେରୀ ଓ ଅଫିସ୍)
୭.	ଶ୍ରୀ ରାମକୃଷ୍ଣ ମହାପାତ୍ର	କୋଷାଧ୍ୟକ୍ଷ

Digitized by PPRACHIN, SOA

୮.	ଶ୍ରୀ ନାରାୟଣ ମିଶ୍ର	ସଂଗଠକ
୯.	ପଣ୍ଡିତ ଶ୍ରୀ ଜଗନ୍ନାଥ ରଥ	ସମୀକ୍ଷକ
୧୦.	ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର	ସମୀକ୍ଷକ
୧୧.	ଶ୍ରୀ ହରିହର ମିଶ୍ର	ସଭ୍ୟ
୧୨.	ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମହାପାତ୍ର— ଅଧ୍ୟକ୍ଷ, ସଂସ୍କୃତ ମହାବିଦ୍ୟାଳୟ	ସଭ୍ୟ
୧୩.	ଶ୍ରୀ ଗଣେଶ୍ୱର ମିଶ୍ର	ସଭ୍ୟ
୧୪.	ଶ୍ରୀ ଚିନ୍ତାମଣି ମହାପାତ୍ର	ସଭ୍ୟ
୧୫.	ପଣ୍ଡିତ ଶ୍ରୀ ବାଲୁଙ୍କେଶ୍ୱର ତ୍ରିପାଠୀ	ସଭ୍ୟ
୧୬.	ଶ୍ରୀ ରାଧାନାଥ ନନ୍ଦ	ସଭ୍ୟ
୧୭.	ଶ୍ରୀ ମିଚ୍ଛୁ ମିଶ୍ର	ସଭ୍ୟ
୧୮.	ଶ୍ରୀ ଅଗାଧୁ ମିଶ୍ର	ସଭ୍ୟ
୧୯.	ଶ୍ରୀ ହରିହର ଷଡ଼ଙ୍ଗୀ	ସଭ୍ୟ

କାର୍ଯ୍ୟନିର୍ବାହିକା କମିଟିର ବ୍ୟବସ୍ଥା ପରିଷଦ

୨୦.	ସାମନ୍ତ ଶ୍ରୀ କୃଷ୍ଣଚନ୍ଦ୍ର ରାଜଗୁରୁ	ଯୁଗ୍ମ ସଂପାଦକ ବ୍ୟବସ୍ଥାପକ ପରିଷଦ
୨୧.	ସାମନ୍ତ ଶ୍ରୀ ଦୟାନିଧି ରାଜଗୁରୁ	ସଭ୍ୟ
୨୨.	ପଣ୍ଡିତ ଶ୍ରୀ ନରସିଂହ ରଥ	ସଭ୍ୟ
୨୩.	ଶ୍ରୀ ଗଣେଶ୍ୱର ମହାପାତ୍ର	ସମୀକ୍ଷକ
୨୪.	ପଣ୍ଡିତ ଶ୍ରୀ ଦାମୋଦର ମିଶ୍ର	ସଭ୍ୟ
୨୫.	ପଣ୍ଡିତ ଶ୍ରୀ ଲକ୍ଷ୍ମଣ ମିଶ୍ର	ସଭ୍ୟ
୨୬.	ପଣ୍ଡିତ ଶ୍ରୀ ନାରାୟଣ ମିଶ୍ର	ସଭ୍ୟ
୨୭.	ପଣ୍ଡିତ ଶ୍ରୀ ନୀଳକଣ୍ଠ ମିଶ୍ର	ସଭ୍ୟ
୨୮.	ପଣ୍ଡିତ ଶ୍ରୀ ନାରାୟଣ ଶିରୋମଣୀ	ସଭ୍ୟ
୨୯.	ସାମନ୍ତ ଶ୍ରୀ ନାରାୟଣ ମହାପାତ୍ର	ସଭ୍ୟ
୩୦.	ସାମନ୍ତ ଶ୍ରୀ କାଶୀନାଥ ମହାପାତ୍ର	ସଭ୍ୟ

ସଂପ୍ରତି ପୂର୍ବ ପରଂପରା ବିଚ୍ଛିନ୍ନ ହୋଇ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଦସ୍ୟ ମାନଙ୍କ ମଧ୍ୟରୁ ନିଜର ସଭାପତି ଓ ସମ୍ପାଦକ ନିର୍ବାଚନ ବା ମନୋନୀତ କରୁଛନ୍ତି । ତନ୍ମଧ୍ୟରେ ବିଭିନ୍ନ ସମୟରେ ସଭାପତି ରୂପେ ପଣ୍ଡିତ ଚିନ୍ତାମଣି

Digitized by PPRACHIN, SOA

ମିଶ୍ର, ପଣ୍ଡିତ କୃଷ୍ଣଚନ୍ଦ୍ର ରାଜଗୁରୁ ଏବଂ ସଂପାଦକ ରୂପେ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର, ଶ୍ରୀ ଗତିଶ୍ୱର ମିଶ୍ର, ପଣ୍ଡିତ ତ୍ରିଲୋଚନ ମିଶ୍ର, ଅବସର ପ୍ରାପ୍ତ ଏ.ଡ଼ି.ଏମ୍. ଶ୍ରୀ ବୈଦ୍ୟନାଥ ମିଶ୍ର ଓ ଅବସରପ୍ରାପ୍ତ ଅଧ୍ୟାପକ ପଣ୍ଡିତ ବୈଦ୍ୟନାଥ ମିଶ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ ଅଟେ। ସଂପ୍ରତି ଉକ୍ତ ଅନୁଷ୍ଠାନର ସ୍ଥାୟୀ ସଭାପତି ରୂପେ ଶଙ୍କରାଚାର୍ଯ୍ୟ (ଗୋବର୍ଦ୍ଧନ ମଠ), ପୁରୀ, କାର୍ଯ୍ୟକାରୀ ସଭାପତି– ପଣ୍ଡିତ ବୈଦ୍ୟନାଥ ମିଶ୍ର, ଉପ-ସଭାପତି– ଶ୍ରୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ସଂପାଦକ ରୂପେ ଶ୍ରୀ ରାଜ କିଶୋର ମହାପାତ୍ର କାର୍ଯ୍ୟ ନିର୍ବାହ କରୁଛନ୍ତି।

ଆଜକୁ ପ୍ରାୟ ୭୦ ବର୍ଷ ପୂର୍ବେ ପଣ୍ଡିତ ହରିହର ନ୍ୟାୟ ଭୂଷଣ, ପଣ୍ଡିତ ମଧୁସୂଦନ ବାଚ଼ସ୍ପତି, ପଣ୍ଡିତ ଚିନ୍ତାମଣି ମିଶ୍ର, ପଣ୍ଡିତ ମାଗୁଣି ବ୍ରହ୍ମା, ବୈଦ୍ୟରତ୍ନ ପଣ୍ଡିତ ଜୟକୃଷ୍ଣ ରାୟଗୁରୁ, ପଣ୍ଡିତ ନାରାୟଣ ଶାସ୍ତ୍ରୀ, ପଣ୍ଡିତ ଗୋପୀନାଥ ମହାପାତ୍ର, ପଣ୍ଡିତ ବାସୁଦେବ ମିଶ୍ର, ସାହିତ୍ୟାଚ଼ାର୍ଯ୍ୟ, ପଣ୍ଡିତ ଆନନ୍ଦ ମିଶ୍ର, ସ୍ମୃତି ତୀର୍ଥ, ମହାମହୋପାଧ୍ୟାୟ ବିଦ୍ୟାସାଗର ପଣ୍ଡିତ ଶ୍ରୀ ଦାମୋଦର ଶାସ୍ତ୍ରୀ, ସ୍ମୃତି ତୀର୍ଥ, ପଣ୍ଡିତ ସୋମନାଥ ମିଶ୍ର ପ୍ରମୁଖ ବହୁ ସଂଖ୍ୟକ ବିଦ୍ୱାନ ପଣ୍ଡିତ ମାନଙ୍କ ଦ୍ୱାରା ତତ୍‌କାଳୀନ ସମୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପରିଚ଼ାଳିତ ହେଉଥିଲା। ଅପରପକ୍ଷରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପ୍ରତିଷ୍ଠାତାମାନଙ୍କ ମଧ୍ୟରେ ୧୯୨୮ ମସିହାରେ ତତ୍‌କାଳୀନ ସମ୍ବାଦପତ୍ର 'ସାଧନା'ରେ ପ୍ରକାଶିତ ସମ୍ବାଦରୁ ଜଣାଯାଏ ଯେ ''ପୁରୀର ପ୍ରଖ୍ୟାତନାମା ପଣ୍ଡିତ ପୁରୀ ଗଜପତି ମହାରାଜାଙ୍କ ରାଜସଭା ପଣ୍ଡିତ ଓ ପୁରୋହିତ ପଣ୍ଡିତ ଶ୍ରୀ ଜୟକୃଷ୍ଣ ରାଜଗୁରୁ ଗତ ୩୧ ତାରିଖରେ ସ୍ୱର୍ଗାରୋହଣ କରିଛନ୍ତି। ସେ ରକ୍ଷଣଶୀଳ ପଣ୍ଡିତ ସମାଜର ଅଗ୍ରଣୀ ହୋଇ ସଂସ୍କାରକ, ଲେଖକ, କବି ଓ ବକ୍ତା ରୂପେ ଉତ୍କଳରେ ଖ୍ୟାତି ଲାଭ କରିଥିଲେ। ପୁରି ମୁକ୍ତିମଣ୍ଡପ ପଣ୍ଡିତ ସଭା ଏହାଙ୍କ ମସ୍ତିଷ୍କ ପ୍ରସୂତ।'' ତେଣୁ ଶ୍ରୀ ରାଜଗୁରୁ 'ପଣ୍ଡିତ ସଭା' ଗଠନ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଏହା ନିଃସନ୍ଦେହ ଅଟେ।

ଶ୍ରୀମନ୍ଦିରସ୍ଥ ବିମଳା ମନ୍ଦିରର ଦକ୍ଷିଣ ଦିଗରେ ପୁଷ୍ପାଳକ ନିଯୋଗ କାର୍ଯ୍ୟାଳୟ ଗୃହ ପାର୍ଶ୍ୱରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଏକ ପାଠାଗାର ଖୋଲାଯାଇ ଅତ୍ୟନ୍ତ ପ୍ରାଚ଼ୀନ ପାଣ୍ଡୁଲିପି, ଧର୍ମ ପୁସ୍ତକ ଓ ବହୁ ମୂଲ୍ୟବାନ ତାଳପତ୍ର ପୋଥି ଆଦି ସଂଗୃହୀତ ହୋଇ ରଖାଯାଇଛି। ପଣ୍ଡିତ ସଦାଶିବ ମିଶ୍ର, କାବ୍ୟକଣ୍ଠ ଏହି ପୁସ୍ତକାଳୟର ପ୍ରତିଷ୍ଠାତା ଅଟନ୍ତି। ୧୯୬୨ ମସିହାରେ ଶ୍ରୀମୁକ୍ତିମଣ୍ଡପ ପଣ୍ଡିତ ସଭା ପୁସ୍ତକାଳୟ ତରଫରୁ ଏକ ପୁସ୍ତକ ତାଲିକା ମୁଦ୍ରଣ ହୋଇ ପ୍ରକାଶ

Digitized by PPRACHIN, SOA

ପାଇଥିଲା। ଉକ୍ତ ପୁସ୍ତକ ତାଲିକା ଅନୁଯାୟୀ ସେହି ସମୟରେ ମୋଟ୍ ପୁସ୍ତକ ସଂଖ୍ୟା ୧୯୮୪ ଥିଲା। ଏହି ପୁସ୍ତକ ମଧ୍ୟରେ ବେଦ, ଉପନିଷଦ, ଶ୍ରୌତ ସୂତ୍ରମ୍, ଯୋଗ, ସାଂଖ୍ୟମ୍, ମୀମାଂସା, ପୁରାଣ, ଗୀତା, ଆୟୁର୍ବେଦ, ଜ୍ୟୋତିଷ, ବ୍ୟାକରଣ, ଓଡ଼ିଆ ଗ୍ରନ୍ଥାବଳୀ, ଗଦ୍ୟ ସାହିତ୍ୟ, ପୁରାତନ ପଞ୍ଜିକା ଆଦି ଅନ୍ତର୍ଭୁକ୍ତ। ଏହି ଅନୁଷ୍ଠାନ ପକ୍ଷରୁ ୧୯୬୨ ମସିହାରେ ପ୍ରଣୀତ ହୋଇଥିବା ପୁସ୍ତକାଳୟର ଏକ ନିୟମାବଳୀ ପ୍ରକାଶ ହୋଇଥିଲା। ଉକ୍ତ ନିୟମାବଳୀ ପ୍ରକାଶ କରାଯାଉଛି।

ମୁକ୍ତିମଣ୍ଡପ ପଣ୍ଡିତ ସଭା ପୁସ୍ତକାଳୟର ନିୟମାବଳୀ

୧. ଶ୍ରୀମୁକ୍ତିମଣ୍ଡପ ପଣ୍ଡିତ ସଭାର ତତ୍ତ୍ୱାବଧାନରେ ଉପର୍ଯ୍ୟୁକ୍ତ ପୁସ୍ତକାଳୟ ପରିଚାଳିତ ହେବ। ସଭାର ସମ୍ପାଦକ ଓ ପୁସ୍ତକାଳୟ ପରିଚାଳକ (ଲାଇବ୍ରେରିଆନ୍) ଏହାର ପରିଚାଳନା କରିବେ ଓ ଦାୟିତ୍ୱ ଗ୍ରହଣ କରିବେ।

୨. କାର୍ଯ୍ୟ ନିର୍ବାହିକା ସମିତି ଦ୍ୱାରା ଉପଯୁକ୍ତ ବ୍ୟକ୍ତି ପୁସ୍ତକାଳୟର ପରିଚାଳକ ରୂପେ ନିଯୁକ୍ତ ହେବେ ଏବଂ ତାହାଙ୍କର ବେତନ ଉକ୍ତ ସମିତି ସ୍ଥିର କରିବେ।

୩. ପରିଚାଳକ ପୁସ୍ତକ, ତାଳପତ୍ର ପୋଥି ଓ ଉପକରଣ ମାନଙ୍କର ରକ୍ଷଣାବେକ୍ଷଣ କରିବେ। ତାହାଙ୍କ ତ୍ରୁଟିରୁ ପୁସ୍ତକାଦି ନଷ୍ଟ ହେଲେ ସେ ଦାୟୀ ହେବେ।

୪. ପରିଚାଳକ କାର୍ଯ୍ୟ ନିର୍ବାହିକା ସମିତିଦ୍ୱାରା ନିର୍ଦ୍ଦିଷ୍ଟ ଯାମିନ ଦେଇ ନିଯୁକ୍ତ ହେବେ।

୫. ପରିଚାଳକ ପ୍ରତିଦିନ ପୂର୍ବାହ୍ନ ଘ ୮ ଣ୍ଟା ଠାରୁ ଘ ୧୦ ଣ୍ଟା ପର୍ଯ୍ୟନ୍ତ ଏବଂ ଅପରାହ୍ନ ଘ ୬ ଣ୍ଟା ଠାରୁ ଘ ୯ ଣ୍ଟା ପର୍ଯ୍ୟନ୍ତ ପୁସ୍ତକାଳୟରେ ଉପସ୍ଥିତ ରହିବେ। ଆବଶ୍ୟକ ସମୟରେ ସେ ସଭା କାର୍ଯ୍ୟରେ ସମ୍ପାଦକଙ୍କୁ ସାହାଯ୍ୟ କରିବେ।

(୬) ରକ୍ଷିତ ପୁସ୍ତକ ଓ ପୋଥି ଗୁଡ଼ିକର ଦୁଇଗୋଟି ତାଲିକା ପ୍ରସ୍ତୁତ ହୋଇ ଏକ ଗୋଟି ସଭାର ସମ୍ପାଦକଙ୍କ ନିକଟରେ ଏବଂ ଅପରଟି ପୁସ୍ତକାଳୟର ପରିଚାଳକଙ୍କ ମାରଫତ୍‌ରେ ରହିବ। କ୍ରୀତ ବା ଲବ୍ଧ ପୁସ୍ତକ ଓ ପୋଥି ଗୁଡ଼ିକ ପରିଚାଳକ ଉଭୟ ତାଲିକାଭୁକ୍ତ କରିବେ। ଉପକରଣ ଗୁଡ଼ିକର ଉଲ୍ଲେଖ ତଦ୍ରୂପ ଦୁଇଗୋଟି ତାଲିକାରେ ରହିବ।

Digitized by PPRACHIN, SOA

(୭) ଯେ କୌଣସି ବ୍ୟକ୍ତି ପୁସ୍ତକାଳୟକୁ ଆସି ପରିଚାଳକଙ୍କ ଉପସ୍ଥିତିରେ ତାଙ୍କର ମନୋନୀତ ପୁସ୍ତକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପାଠ କରି ପାରିବେ।

(୮) କାର୍ଯ୍ୟ ନିର୍ବାହିକା ସମିତିର ସଭ୍ୟ ଭିନ୍ନ ଯେକୌଣସି ବ୍ୟକ୍ତି ନିୟମିତ ଚାରିଅଣା ଚାନ୍ଦା ବା ଏକକାଳୀନ ବାର୍ଷିକ ଟ୨ଙ୍କା ଚାନ୍ଦା ଦେଲେ ପୁସ୍ତକାଳୟର ସଭ୍ୟ ହୋଇ ପାରିବେ।

(୯) ସଭ୍ୟମାନେ ପୁସ୍ତକ କାରବାର ବହି (ଲୋନ୍ ବୁକ୍)ରେ ସ୍ୱାକ୍ଷର କରି ଦି୧୫ନ ପାଇଁ ପୁସ୍ତକ ନେଇ ପାରିବେ, ମାତ୍ର ଏକ ସମୟରେ ଦୁଇଖଣ୍ଡରୁ ଅଧିକ ବହି ନେଇ ପାରିବେ ନାହିଁ। ନେଇଥିବା ପୁସ୍ତକର କ୍ଷତି ପାଇଁ ସେମାନେ ସମ୍ପୂର୍ଣ୍ଣ ଦାୟୀ ହେବେ। ପୁସ୍ତକ ବା ପୋଥି ନେବା ପୂର୍ବରୁ ତାହାର ମୂଲ୍ୟ ଜମା ରଖି ପୁସ୍ତକ ବା ପୋଥି ନେଇ ପାରିବେ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାହା ଫେରାଇ ନ ଦେଲେ ବା ନଷ୍ଟ କଲେ ଅମାନତ ଟଙ୍କା ବାଜ୍ୟାପ୍ତ ହୋଇ ସେହି ଟଙ୍କାର ପୁସ୍ତକ ବା ପୋଥି ଖରିଦ ହେବ। ପୁସ୍ତକ ବା ପୋଥି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଫେରାଇ ଦେଲେ ଅମାନତ (ଜମା ଦେଇଥିବା) ଟଙ୍କା ଓ୍ୱାପସ ଦିଆଯିବ।

(୧୦) ଦୁଷ୍ପ୍ରାପ୍ୟ ପୁସ୍ତକ ବା ପୋଥି, ପାଣ୍ଡୁଲିପି, କୋଷ ଗ୍ରନ୍ଥ ଓ ସର୍ବଦା ବ୍ୟବହୃତ ସ୍ମୃତି ଗ୍ରନ୍ଥାଦି ବାହାରକୁ ଦିଆଯିବ ନାହିଁ।

(୧୧) ପୁସ୍ତକ କାରବାର ବହିରେ ନିମ୍ନଲିଖିତ ବିବରଣୀ ରହିବ :— ତାରିଖ—କ୍ରମିକ ନମ୍ବର— ପୁସ୍ତକର ନାମ— ପୁସ୍ତକ ନମ୍ବର— ଗ୍ରହୀତାଙ୍କ ନାମ ଓ ଧାମ— ପୁସ୍ତକର ଅବସ୍ଥା— ଗ୍ରହୀତାଙ୍କ ସ୍ୱାକ୍ଷର— ପ୍ରତ୍ୟାର୍ପଣର ତାରିଖ— ପରିଚାଳକଙ୍କ ସ୍ୱାକ୍ଷର।

(୧୨) ପୁସ୍ତକାଳୟର କାର୍ଯ୍ୟ ଏକ ଉପସମିତି ଦ୍ୱାରା ପରିଚାଳିତ ହେବ। ଅନ୍ୟୁନ୍ୟ ଏକ ଶତ ଟଙ୍କା ଦେବା ବ୍ୟକ୍ତି ପୁସ୍ତକାଳୟ-ଉପ ସମିତିର ଆଜୀବନ ସଭ୍ୟ ରୂପେ ମନୋନୀତ ହୋଇ ପାରନ୍ତି। ନିୟମିତ ଚାନ୍ଦା କଟକଣା ତାଙ୍କ ପ୍ରତି ପ୍ରଯୁଜ୍ୟ ହେବ ନାହିଁ।

(୧୩) ପୁସ୍ତକାଳୟର ନିୟମିତ ଚାନ୍ଦା ସଭ୍ୟମାନଙ୍କ ମଧ୍ୟରୁ କାର୍ଯ୍ୟ ନିର୍ବାହିକା ସମିତି ୨ ଜଣଙ୍କୁ ପୁସ୍ତକାଳୟ ଉପ ସମିତିର ସଭ୍ୟ ରୂପେ ଗ୍ରହଣ କରି ପାରନ୍ତି।

(୧୪) କାର୍ଯ୍ୟ ନିର୍ବାହିକା ସମିତି ଦ୍ୱାରା ମନୋନୀତ ସଭ୍ୟ ପ୍ରତି ଛ,

Digitized by PPRACHIN, SOA

ମାସରେ ଥରେ ତାଲିକା ସଙ୍ଗେ ମିଳାଇ ପୁସ୍ତକାଳୟରେ ଗଚ୍ଛିତ ଥିବା ପୁସ୍ତକ, ପୋଥି ଓ ଉପକରଣ ତନଖି କରି ତ୍ରୁଟିର ବିବରଣ ସମ୍ବନ୍ଧରେ ରିପୋର୍ଟ କଲେ ତାହା କାର୍ଯ୍ୟ ନିର୍ବାହିକା ସମିତିରେ ଉପସ୍ଥାପିତ ହୋଇ ଉପଯୁକ୍ତ ପନ୍ଥା ଗୃହୀତ ହେବ।

(୧୫) ପୁସ୍ତକାଳୟର ସଭ୍ୟ ଚାନ୍ଦା ଓ ଅମାନତ ଟଙ୍କାର ସ୍ୱତନ୍ତ୍ର ହିସାବ ରହିବ।

ଶ୍ରୀ ରାମଚନ୍ଦ୍ର ମହାପାତ୍ର
ସମ୍ପାଦକ
ମୁକ୍ତିମଣ୍ଡପ ପଣ୍ଡିତ ସଭା, ପୁରୀ
ତା ୩୦-୧୧-୧୯୬୨

ସଂପ୍ରତି ମୁକ୍ତିମଣ୍ଡପ ପାଠାଗାରଟିରେ ପ୍ରାୟ ୫୦୦୦ରୁ ଉର୍ଦ୍ଧ ଧର୍ମ ସମ୍ବନ୍ଧୀୟ ପୁସ୍ତକ, ପାଣ୍ଡୁଲିପି, ପୋଥି ଇତ୍ୟାଦି ଗଚ୍ଛିତ ଅଛି। ଉକ୍ତ ସ୍ଥାନରେ ପଣ୍ଡିତ ସଭାର କାର୍ଯ୍ୟାଳୟ ମଧ୍ୟ ଚାଲୁଅଛି। ଏହି ଗୃହରେ ଶଙ୍କରାଚାର୍ଯ୍ୟଙ୍କ ମାର୍ବଲ ପ୍ରସ୍ତରର ଏକ ପ୍ରତିମୂର୍ତ୍ତି ରହିଅଛି।

ପଣ୍ଡିତ ସଭା କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି ଯେ ୧୯୭୩ ମସିହାରେ ଏହି ଅନୁଷ୍ଠାନଟି ରେଜେଷ୍ଟ୍ରିଭୁକ୍ତ ହୋଇଥିଲା ଓ ଏହାର ରେଜିଷ୍ଟ୍ରେସନ୍ ନମ୍ବର ୭୧୦୦/୯୯ ଅଟେ। ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ପ୍ରଣୟନ ହୋଇଥିବା ସଂବିଧାନ ଉକ୍ତ ପୁସ୍ତକରେ ପ୍ରଦତ୍ତ କରାଯାଉଛି।

ଶ୍ରୀମନ୍ଦିରସ୍ଥ ମୁକ୍ତିମଣ୍ଡପ ପଣ୍ଡିତ ସଭା, ପୁରୀର ସମ୍ବିଧାନ

୧ – ନାମ– ମୁକ୍ତିମଣ୍ଡପ ପଣ୍ଡିତ ସଭା, ପୁରୀ

୨ – କାର୍ଯ୍ୟାଳୟ– ଶ୍ରୀଜଗନ୍ନାଥ ମନ୍ଦିରସ୍ଥ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପୁସ୍ତକାଳୟ ତଥା କାର୍ଯ୍ୟାଳୟ।

୩ – ଉଦ୍ଦେଶ୍ୟ –

(୧) ହିନ୍ଦୁ ସନାତନ ଧର୍ମ ଓ ବୈଦିକ ପରଂପରା ରକ୍ଷଣ ଓ ପ୍ରଚାର।, (୨) ଶାସ୍ତ୍ରୀୟ ଗବେଷଣା, (୩) ଶାସ୍ତ୍ର ଚର୍ଚ୍ଚା, (୪) ଧର୍ମ ତଥା ସମାଜର ଶୃଙ୍ଖଳା ରକ୍ଷା ବିଷୟରେ ଶାସ୍ତ୍ରୀୟ ବ୍ୟବସ୍ଥା ପ୍ରଦାନ, (୫) ଶ୍ରୀଜଗନ୍ନାଥ ମନ୍ଦିରର ନିତ୍ୟ ନୈମିତିକ ନୀତି ଓ ତତ୍ ସଂପୃକ୍ତ ଅନ୍ୟାନ୍ୟ

Digitized by PPRACHIN, SOA

କାର୍ଯ୍ୟ ନିର୍ବାହରେ ଶାସ୍ତ୍ରୀୟ ସିଦ୍ଧାନ୍ତ ପ୍ରଦାନ।, (୬) ମୁକ୍ତିମଣ୍ଡପର ସୁପରିଚାଳନା ତଥା ଶୃଙ୍ଖଳା ରକ୍ଷଣ।

୪ – ସଭ୍ୟ – କ – ରେକର୍ଡ଼ ଅଫ୍ ରାଇଟ ଭୁକ୍ତ ନିମ୍ନଲିଖିତ ମୁକ୍ତିମଣ୍ଡପାଧିକାରୀ ଶାସନ ମାନଙ୍କର ବ୍ରାହ୍ମଣ ମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି।

୧. ବୀର ହରେକୃଷ୍ଣପୁର
୨. ବୀର ପ୍ରତାପପୁର
୩. ବୀର କିଶୋରପୁର
୪. ବୀର ରାମଚନ୍ଦ୍ରପୁର
୫. ବୀର ବଳଭଦ୍ରପୁର
୬. ବୀର ନରସିଂହପୁର
୭. ବୀର ଗୋବିନ୍ଦପୁର
୮. ବୀର ପୁରୁଷୋତ୍ତମପୁର
୯. ଶ୍ରୀ ରାମଚନ୍ଦ୍ରପୁର
୧୦. ଶ୍ରୀ ମୁକୁନ୍ଦପୁର
୧୧. ଶ୍ରୀ ପୁରୁଷୋତ୍ତମପୁର
୧୨. ପ୍ରତାପ ପୁରୁଷୋତ୍ତମପୁର
୧୩. ବିଶ୍ୱନାଥପୁର
୧୪. ବିଶ୍ୱନାଥପୁର ସାମିଲ ନୂଆଁ ଗାଁ
୧୫. ଗୋପୀନାଥପୁର
୧୬. ଦାମୋଦରପୁର ଶାସନ
୧୭. କାଶୀ ଜଗନ୍ନାଥପୁର
୧୮. ରାୟଚକ୍ରଧରପୁର
୧୯. ଜଗନ୍ନାଥ ବିଦ୍ୟାଧରପୁର
୨୦. ଗୋକୁଳପୁର
୨୧. ବାସୁଦେବପୁର
୨୨. ପଟଯୋଶୀପୁର
୨୩. ରାୟଗୁରୁପୁର
୨୪. ସରିକିଆ ବୀର କେଶରୀପୁର
୨୫. କହ୍ନେଇ ବିଦ୍ୟାଧରପୁର

Digitized by PPRACHIN, SOA

(ଖ) ମୁକ୍ତିମଣ୍ଡପ ସଭାର ସୁପାରିଶ କ୍ରମେ ପୁରୀ ଗଜପତି ମହାରାଜାଙ୍କ ଦ୍ୱାରା ସ୍ୱୀକୃତ ନିମ୍ନଲିଖିତ ମୁକ୍ତିମଣ୍ଡପାଧିକାରୀ ଶାସନ ମାନଙ୍କର ସାବାଳକ ବ୍ରାହ୍ମଣ ମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି।

(୧) ନୂଆ ସମେଶ୍ୱରପୁର
(୨) ଲଳିତା ପାଟପୁର
(୩) କପିଳେଶ୍ୱରପୁର

(ଗ) ନିର୍ବାଚିତ ପ୍ରତିନିଧି ମାନଙ୍କ ଦ୍ୱାରା ସ୍ୱ ସଂଖ୍ୟାର ଏକ ତୃତୀୟାଂଶ ମନୋନୀତ ମୁକ୍ତିମଣ୍ଡପାଧିକାରୀ ବ୍ୟକ୍ତି।

(ଘ) ଜଗଦ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତାବଲମ୍ବୀ ପୁରୀସ୍ଥ ମଠାଧିଶ, ଦଣ୍ଡୀ ସ୍ୱାମୀ ଓ ବ୍ରହ୍ମଚାରୀମାନେ। ଦେଉଳ ପୁରୋହିତ, ରାଜଗୁରୁ ଏବଂ ରାୟଗୁରୁ।

(ଙ) ପୂର୍ବୋକ୍ତ ଚତୁର୍ବିଧ ସଭ୍ୟମାନଙ୍କ ବ୍ୟତୀତ ଉତ୍କଳର ବିଶିଷ୍ଟ ବ୍ରାହ୍ମଣ ପଣ୍ଡିତ ମାନଙ୍କୁ ପରାମର୍ଶଦାତା ରୂପେ ଗ୍ରହଣ କରାଯାଇ ପାରେ। ସେମାନଙ୍କର ସଂଖ୍ୟା ୯ ଜଣରୁ ଅଧିକ ହେବ ନାହିଁ।

ଦ୍ରଷ୍ଟବ୍ୟ – (୧)- କ ଓ ଖ ର ସଭ୍ୟ ନିର୍ବାଚନ ୧୯ ନମ୍ବର ଧାରା-କ-ଉପଧାରା ଅନୁସାରେ କରାଯିବ।

(୨) ଖ ର ଶାସନ ମାନଙ୍କର ସ୍ୱୀକୃତି ପ୍ରଦାନ ୧୦ ନମ୍ବର ଧାରା-ଚ-ଉପଧାରା ଅନୁସାରେ କରାଯିବ।

(୩) ଗ ର ମନୋନୟନ ୧୯ ନମ୍ବର ଧାରା-ଖ-ଉପଧାରା ଅନୁସାରେ କରାଯିବ।

(୪) ଙ ର ମନୋନୟନ ୧୯ ଧାରା -ଘ- ଉପଧାରା ଅନୁସାରେ କରାଯିବ।

(୫) ସ୍ୱରୂପ - ଉପରୋକ୍ତ ମତେ ନିର୍ବାଚିତ, ମନୋନିତ ଏବଂ ମଠାଧୀଶ ପ୍ରଭୃତି ସଭ୍ୟ ମାନଙ୍କ ଦ୍ୱାରା ଗଠିତ ସଭା 'ମୁକ୍ତିମଣ୍ଡପ ସଭା, ପୁରୀ'- ନାମରେ ଅଭିହିତ ହେବ।

(୬) ସଭ୍ୟମାନଙ୍କର କାର୍ଯ୍ୟକାଳ:- ସଭ୍ୟମାନଙ୍କର କାର୍ଯ୍ୟକାଳ ଏକ ବର୍ଷ ଏବଂ ଉକ୍ତ ବର୍ଷଟି ମାର୍ଗଶୀର ମାସ ଶୁକ୍ଳ ତ୍ରୟୋଦଶୀ ଠାରୁ ଆରମ୍ଭ ହେବ।

Digitized by PPRACHIN, SOA

(୭) **ଅଯୋଗୀତା -** ହିନ୍ଦୁ ସନାତନ ଧର୍ମରେ ବିଶ୍ୱାସ କରୁ ନଥିବା, ଗୁରୁ ଅପରାଧରେ ଦଣ୍ଡିତ ସମାଜର ପ୍ରଚଳିତ ପ୍ରଥା ବିରୋଧି ଏବଂ ମୁକ୍ତିମଣ୍ଡପ ପଣ୍ଡିତ ସଭା ସମ୍ବିଧାନର ବିରୋଧୀ ବ୍ୟକ୍ତି ଏ ସଭାର ସଭ୍ୟ ନିର୍ବାଚନ କରି ପାରିବେ ନାହିଁ ବା ସଭ୍ୟ ଭାବରେ ନିର୍ବାଚିତ ବା ମନୋନୀତ ହୋଇ ପାରିବେ ନାହିଁ। ନିର୍ବାଚିତ ବା ମନୋନୀତ ପରେ ଯଦି ଏସବୁ ଅଯୋଗ୍ୟତା ଜଣାଯାଏ, ତେବେ ବହିଷ୍କୃତ ହେବେ।

(୮) **ନିର୍ବାଚିତ ପ୍ରତିନିଧି ମାନଙ୍କ କାର୍ଯ୍ୟ -** କାର୍ତ୍ତିକ ଶୁକ୍ଳ ସପ୍ତମୀ-ଷୋଳ ଶାସନ ଭୋଗ ଦିନ ଅନୁଷ୍ଠିତ ଅଧିବେଶନ ଆସନ୍ତା ବର୍ଷ ପାଇଁ ନିର୍ବାଚିତ ପ୍ରତିନିଧି ମାନେ ସ୍ୱ-ସଂଖ୍ୟାର ଏକ ତୃତୀୟାଂଶ ସଭ୍ୟ ନଂ ୧୯ମର ଧାରା-ଖ-ଉପଧାରା ଅନୁସାରେ ମନୋନୟନ କରିବେ।

(୯) **ଅଧିବେଶନ ନିୟମ :କ—** ମୋଟ ସଭ୍ୟ ସଂଖ୍ୟାର ଅନ୍ୟୁନ ଏକ ତୃତୀୟାଂଶ ସଭ୍ୟ ଉପସ୍ଥିତ ହେଲେ ସଭା କାର୍ଯ୍ୟ ହୋଇ ପାରିବ। ସଭାପତି ସଭା କାର୍ଯ୍ୟ ପରିଚାଳନା କରିବେ। ତାଙ୍କ ଅନୁପସ୍ଥିତରେ ଉପ ସଭାପତି ଏବଂ ଉଭୟଙ୍କର ଅନୁପସ୍ଥିତରେ ଉପସ୍ଥିତ ସଭ୍ୟ ମାନଙ୍କ ମଧ୍ୟରୁ ନିର୍ବାଚିତ ବ୍ୟକ୍ତି ସେହି ଦିନ ସଭାକାର୍ଯ୍ୟ ପରିଚାଳନା କରିବେ।

(ଖ) ସାଧାରଣତଃ ବାର୍ଷିକ ଅଧିବେଶନ ପ୍ରତିବର୍ଷ ମାର୍ଗଶୀର ଶୁକ୍ଳ ତ୍ରୟୋଦଶୀ ଦିନ ଅନୁଷ୍ଠିତ ହେବ।

(ଗ) ଆବଶ୍ୟକ ମନେ କଲେ କାର୍ଯ୍ୟ ନିର୍ବାହିକା ସମିତି ବର୍ଷ ମଧ୍ୟରେ ଏକାଧିକବାର ଅଧିବେଶନ ଡକାଇ ପାରନ୍ତି।

(ଘ) ଉପରୋକ୍ତ ସାଧାରଣ ଅଧିବେଶନ ପାଇଁ ୧୫ ଦିନ ପୂର୍ବରୁ ସଭ୍ୟ ମାନଙ୍କୁ ନୋଟିସ୍ ଦ୍ୱାରା ଜଣାଇ ଦିଆଯିବ।

(ଙ) ସଭାର ଅନ୍ୟୁନ ଏକ ତୃତୀୟାଂଶ ସଭ୍ୟ ସଭାପତିଙ୍କ ଲିଖିତ ଭାବରେ କୌଣସି ଗୁରୁ ବିଷୟରେ ବିଚାର ପାଇଁ ପ୍ରସ୍ତାବ ଦେଲେ ଉକ୍ତ ଦିବସ ଠାରୁ ୨୧ ଦିନ ମଧ୍ୟରେ ସାଧାରଣ ସଭା ଡକାଯିବ। ଏହା ବିଶେଷ ଅଧିବେଶନ ହେବ ଏବଂ ଏଥିରେ ପ୍ରସ୍ତାବିତ ବିଷୟ ବ୍ୟତୀତ ଅନ୍ୟ ବିଷୟରେ ବିଚାର ହୋଇପାରିବ ନାହିଁ।

(ଚ) ବାର୍ଷିକ ଅଧିବେଶନରେ ଆଲୋଚନା ପାଇଁ ସଭ୍ୟମାନେ ଅନ୍ତତଃ ୧୫ ଦିନ ପୂର୍ବରୁ ପ୍ରସ୍ତାବ ମାନ ସଂପାଦକଙ୍କ ନିକଟକୁ ଲିଖିତ ଆକାରରେ

Digitized by PPRACHIN, SOA

ପଠାଇ ପାରିବେ। ତାହା କାର୍ଯ୍ୟ ନିର୍ବାହିକା ସମିତିର ଅନୁମୋଦନ କ୍ରମେ ବାର୍ଷିକ ଅଧିବେଶନରେ ଉପସ୍ଥାପିତ କରାଯିବ।

(ଛ) ସଭାର ଅଧିବେଶନ ମାନଙ୍କରେ ଆଲୋଚ୍ୟ ବିଷୟ ମାନଙ୍କର ମୀମାଂସା ସର୍ବସମ୍ମତିକ୍ରମେ ହୋଇ ନପାରିଲେ ଅଧିକାଂଶ ଭୋଟରେ ଗ୍ରହଣ କରାଯିବ। ପକ୍ଷ ଓ ବିପକ୍ଷରେ ସମାନ ସଂଖ୍ୟକ ଭୋଟ ହେଲେ ସଭାପତିଙ୍କର ସ୍ୱତନ୍ତ୍ର ଭୋଟ ଦ୍ୱାରା ଉକ୍ତ ବିଷୟର ସିଦ୍ଧାନ୍ତ ଗ୍ରହଣ କରାଯିବ।

୧୦ – ବାର୍ଷିକ ଅଧିବେଶନର କାର୍ଯ୍ୟ :-

(କ) ବାର୍ଷିକ ବିବରଣୀର ବିଚାର ଓ ଗ୍ରହଣ।

(ଖ) ଗତ ବର୍ଷର ସମୀକ୍ଷୀତ ଆୟ ବ୍ୟୟ ଗ୍ରହଣ।

(ଗ) ଆଗାମୀ ବର୍ଷର ଅଟକଳ ବଜେଟ୍ ଅନୁମୋଦନ।

(ଘ) ଆଗାମୀ ବର୍ଷ ପାଇଁ ମୁକ୍ତିମଣ୍ଡପ ପଣ୍ଡିତ ସଭା କାର୍ଯ୍ୟ ନିର୍ବାହିକା ସମିତିର କର୍ମକର୍ତ୍ତା ଓ ସଭ୍ୟ ନିର୍ବାଚନ।

(ଙ) ପରାମର୍ଶଦାତା ସଭ୍ୟ ନିର୍ବାଚନ।

(ଚ) ପୁରୀ ଜିଲ୍ଲା ସଦର ସବ୍ ଡିଭିଜନ୍‌ର କେତେକ ବ୍ରାହ୍ମଣ ଶାସନ, ମୁକ୍ତି ମଣ୍ଡପାଧିକାରୀ ବୋଲି କୌଣସି କାରଣରୁ ହୋଇପାରେ ଗ୍ରାମବାସୀ ବା ଅନ୍ୟ କେହି ଯଥା ସମୟରେ ନିଜର ପ୍ରମାଣ ପତ୍ର ଦର୍ଶାଇ ନ ପାରିବା-ରେକର୍ଡ଼ ଅଫ୍ ରାଇଟ୍ ଭୁକ୍ତ ହୋଇ ପାରି ନାହାନ୍ତି। ସେମାନେ ଆବେଦନ କଲେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସେମାନଙ୍କର ସନନ୍ଦ ବା ଅନ୍ୟ ଯୁକ୍ତିଯୁକ୍ତ ପ୍ରମାଣ ଦେଖି ବାର୍ଷିକ ଅଧିବେଶନରେ ବିଚାର କରି ସ୍ୱୀକୃତି ପ୍ରଦାନ ନିମିତ୍ତ ପରଂପରା ଅନୁଯାୟୀ ପୁରୀ ଗଜପତି ମହାରାଜାଙ୍କ ନିକଟକୁ ସୁପାରିଶ କରିବେ।

(ଛ) ପ୍ରୟୋଜନ ଅନୁସାରେ ନୀତି ନିର୍ଦ୍ଧାରଣ।

(ଜ) ସଂବିଧାନ ପରିବର୍ତ୍ତନ ଓ ପରିବର୍ଦ୍ଧନ।

୧୧ – କାର୍ଯ୍ୟ ନିର୍ବାହିକା ସମିତିର ଗଠନ ଓ କାର୍ଯ୍ୟ :-

(କ) ନିମ୍ନଲିଖିତ ନିର୍ବାଚିତ କର୍ମକର୍ତ୍ତା ଓ ସଭ୍ୟଙ୍କୁ ନେଇ କାର୍ଯ୍ୟ ନିର୍ବାହିକା ସମିତି ଗଠିତ ହେବ।

(୧) ସଭାପତି (୨) ଉପ-ସଭାପତି (୩) ସଂପାଦକ (୪) ସହଯୋଗୀ ସଂପାଦକ (୫) ଦୁଇ ଜଣ ଉପ ସଂପାଦକ (୬)

Digitized by PPRACHIN, SOA

ସମୀକ୍ଷକ (୭) ୨୫ ଜଣ ନିର୍ବାଚିତ ସଭ୍ୟ, (୮) ଗଜପତି ମହାରାଜାଙ୍କ ଦ୍ୱାରା ମନୋନୀତ ୩ ଜଣ ସଭ୍ୟ।

ଦ୍ରଷ୍ଟବ୍ୟ :— (କ) ଏହି ପଚିଶ ଜଣ ନିର୍ବାଚିତ ସଭ୍ୟଙ୍କ ମଧ୍ୟରୁ ଅନ୍ତତଃ ଅର୍ଦ୍ଧେକ ସଂସ୍କୃତ ପଣ୍ଡିତ ହୋଇଥିବା ଆବଶ୍ୟକ। ଯେଉଁମାନେ କି ସ୍ଥାୟୀ ବ୍ୟବସ୍ଥା ପ୍ରଦାନରେ ପରାମର୍ଶ ଦେଇ ପାରିବେ।

(ଖ) କାର୍ଯ୍ୟ ନିର୍ବାହିକା ସମିତି ପରାମର୍ଶଦାତା ସଭ୍ୟମାନଙ୍କ ମଧ୍ୟରୁ ତିନି ଜଣଙ୍କୁ କାର୍ଯ୍ୟ ନିର୍ବାହିକା ସମିତିର ଉପଦେଷ୍ଟା ସଭ୍ୟରୂପେ ମନୋନୀତ କରିବେ। ସେମାନେ କାର୍ଯ୍ୟ ନିର୍ବାହିକା ସମିତିର ପ୍ରତ୍ୟେକ ବୈଠକକୁ ନିମନ୍ତ୍ରିତ ହୋଇ ଯୋଗଦାନ କରିବେ।

(ଗ) ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଭାପତି, ତାଙ୍କ ଅନୁପସ୍ଥିତିରେ ଉପ-ସଭାପତି ଏବଂ ଉଭୟଙ୍କ ଅନୁପସ୍ଥିତରେ ଉପସ୍ଥିତ ସଭ୍ୟ ମାନଙ୍କ ମଧ୍ୟରୁ ନିର୍ବାଚିତ ବ୍ୟକ୍ତି ଉକ୍ତ ଦିନର ବୈଠକ ପରିଚାଳନା କରିବେ।

(ଘ) ଅନ୍ୟୁନ ୧୨ ଜଣ ସଭ୍ୟଙ୍କ ଉପସ୍ଥିତିରେ ସମିତିର କାର୍ଯ୍ୟ ସମାହିତ ହୋଇପାରିବ।

(ଙ) ସମିତିର ଅଧିବେଶନ ସାଧାରଣତଃ ପ୍ରତି ମାସରେ ଥରେ ଅନୁଷ୍ଠିତ ହେବ। ଆବଶ୍ୟକ ସ୍ଥଳେ ଏକାଧିକବାର ଅଧିବେଶନ ହୋଇପାରେ।

(ଚ) ବୈଠକର ଅନ୍ତତଃ ଶୀତ ଦିନ ପୂର୍ବରୁ ବିଜ୍ଞାପନ ଦ୍ୱାରା ସଭ୍ୟମାନଙ୍କୁ ଜଣାଇ ଦିଆଯିବ।

(ଛ) କୌଣସି ଜରୁରୀ କାର୍ଯ୍ୟ ପାଇଁ ଅନ୍ୟୁନ ୨୪ ଘଣ୍ଟା ବିଜ୍ଞାପନ ଦିଆଯାଇ ବୈଠକ ଡକାଯାଇପାରିବ। ଏହା ଜରୁରୀ ବୈଠକ ହେବ ଏବଂ ଏଥିରେ କେବଳ ନିର୍ଦ୍ଦିଷ୍ଟ ଜରୁରୀ ବିଷୟ ଛଡ଼ା ଅନ୍ୟ ବିଷୟରେ ବିଚାର ହୋଇ ପାରିବ ନାହିଁ।

(ଜ) ବୈଠକ ମାନଙ୍କରେ ସର୍ବ ସମ୍ମତି ସିଦ୍ଧାନ୍ତ ଗ୍ରହଣ ପାଇଁ ଚେଷ୍ଟା କରାଯିବ। ତାହା ହୋଇ ନ ପାରିଲେ ଉପସ୍ଥିତ ସଭ୍ୟଙ୍କର ଅଧିକାଂଶ ଭୋଟରେ ବିଷୟର ସିଦ୍ଧାନ୍ତ ଗ୍ରହଣ କରାଯିବ।

(ଝ) ସମିତିର ନିର୍ଦ୍ଦେଶରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଦୈନନ୍ଦିନ କାର୍ଯ୍ୟ ନିୟନ୍ତ୍ରିତ ଓ ସମାହିତ ହେବ।

Digitized by PPRACHIN, SOA

(ଝ) ସମିତି ଅନୁଷ୍ଠାନ ପାଇଁ କର୍ମଚାରୀ ନିଯୁକ୍ତି, ବହିଷ୍କାର, ଅବକାଶ, ପ୍ରଦାନ ଓ ଦଣ୍ଡ ବିଧାନ ପ୍ରଭୃତି କରି ପାରିବେ ।

(ଟ) ସମିତିର ନିର୍ଦ୍ଦେଶରେ ସଭାର ଆୟ ବ୍ୟୟ ନିୟନ୍ତ୍ରଣ, ବ୍ୟବସ୍ଥାପନ, ପୁସ୍ତିକାଗାର ପରିଚାଳନା ଏବଂ ମୁକ୍ତିମଣ୍ଡପ ପଣ୍ଡିତ ସଭାର ମୂଳ ଉଦ୍ଦେଶ୍ୟ ସାଧିନ ପାଇଁ ଯାହା ଯାହା ଉପଯୁକ୍ତ ମନେ କରିବେ ତାହା ସଂପାଦନ କରିପାରିବେ ।

(ଠ) ସମିତି ଉପ ସମିତି ମାନଙ୍କର ଗଠନ ଓ ନିୟନ୍ତ୍ରଣ ୧୭ ନମ୍ବର ଧାରା ଅନୁସାରେ କରିବେ ।

(ଡ) ସମିତି ମୁକ୍ତିମଣ୍ଡପ ପଣ୍ଡିତ ସଭାର ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତିର ରକ୍ଷଣାବେକ୍ଷଣ ପରିଚାଳନା କ୍ରୟ, ବିକ୍ରୟ, ମାଲି ମୋକଦ୍ଦମା ପରିଚାଳନା, ସରକାରୀ ଓ ବେସରକାରୀ ସାହାଯ୍ୟ ଗ୍ରହଣ ପ୍ରଭୃତି ଯାବତୀୟ କାର୍ଯ୍ୟ କରିବେ ।

(ଢ) ସମିତି ମୁକ୍ତିମଣ୍ଡପ ପଣ୍ଡିତ ସଭାର ନୀତି ନିର୍ଦ୍ଧାରଣ ମାନଙ୍କୁ କାର୍ଯ୍ୟକାରୀ କରିବେ ।

(ଣ) ନ୍ୟାଯ୍ୟ କାରଣ ବିନା ଏକାଦିକ୍ରମେ ତିନିଗୋଟି ଅଧିବେଶନରେ ଅନୁପସ୍ଥିତ କର୍ମକର୍ତ୍ତା ବା ସଭ୍ୟଙ୍କୁ ସମିତି ସଭ୍ୟ ପଦରୁ ବଞ୍ଚିତ କରି ବର୍ଷର ଅବଶିଷ୍ଟ ସମୟ ପାଇଁ ଅନ୍ୟଙ୍କୁ ଗ୍ରହଣ କରି ପାରିବେ ।

(ତ) ଦୈବାତ୍ ମୃତ ବା ଇସ୍ତଫା ପ୍ରଦାନ କରିଥିବା କର୍ମକର୍ତ୍ତା ବା ସଭ୍ୟଙ୍କ ସ୍ଥାନରେ ସମିତି ବର୍ଷର ଅବଶିଷ୍ଟ ସମୟ ପାଇଁ ନୂତନ କର୍ମକର୍ତ୍ତା ବା ସଭ୍ୟ ଗ୍ରହଣ କରି ପାରିବେ ।

(ଥ) ପ୍ରତ୍ୟେକ ମାସିକ ଅଧିବେଶନରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଆୟ ବ୍ୟୟ ଉପସ୍ଥାପିତ କରାଯିବ । ସମିତି ଗୃହୀତ ବଜେଟ୍ ଅନୁସାରେ ବ୍ୟୟ କରିବେ । ବିଶେଷ ଆବଶ୍ୟକ ସ୍ଥଳେ ସଭାର ସ୍ୱାର୍ଥ ନୀତି ଓ ଆର୍ଥିକ ପରିସ୍ଥିତି ବିଚାର କରି ଅଧିକ ବ୍ୟୟ କରି ପାରିବେ । ତାହା ପରବର୍ତ୍ତୀ ସାଧାରଣ ଅଧିବେଶନରେ ଉପସ୍ଥାପିତ ଓ ଅନୁମୋଦିତ ହେବ ।

(ଦ) ସମିତି ସତ୍ ଶିକ୍ଷା ତଥା ସଦନୁଷ୍ଠାନ ନିମିତ୍ତ ଯଥାସମ୍ଭବ ଛାତ୍ରବୃତ୍ତି, ପାରିତୋଷିକ ଓ ସାମୟିକ ସାହାଯ୍ୟ ପ୍ରଦାନ କରି ପାରିବେ ।

(ଧ) ସମିତି ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉଦ୍ଦେଶ୍ୟ ସାଧନ ପତ୍ର ପତ୍ରିକାର

Digitized by PPRACHIN, SOA

ସାହାଯ୍ୟ ନେଇ ପାରିବେ।

(ନ) ସମିତି ସାମୟିକ ସାଂସ୍କୃତିକ ଅନୁଷ୍ଠାନ ପାଇଁ ଯଥା ସମ୍ଭବ ବ୍ୟୟ କରି ପାରିବେ।

(ପ) ମୁକ୍ତିମଣ୍ଡପ ପଣ୍ଡିତ ସଭାର ବାର୍ଷିକ ଅଧିବେଶନରେ ଉପସ୍ଥାପିତ ହେବା ପୂର୍ବରୁ ବାର୍ଷିକ ବିବରଣୀ ଆୟ ବ୍ୟୟ ବଜେଟ୍ ଓ ସଭ୍ୟ ମାନଙ୍କଠାରୁ ଆସିଥିବା ପ୍ରସ୍ତାବାଦି ଏହି ସମିତି ଦ୍ୱାରା ଅନୁମୋଦିତ ହେବ। ବାର୍ଷିକ ଆୟ ବ୍ୟୟ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷୀତ ହେବ।

(ଫ) ମୁକ୍ତିମଣ୍ଡପ ପଣ୍ଡିତ ସଭାର ଓ କାର୍ଯ୍ୟ ନିର୍ବାହିକା ସମିତିର ବିବରଣୀ ମାନ ସ୍ୱତନ୍ତ୍ର ପୁସ୍ତିକାରେ ଲିପିବଦ୍ଧ ହେବ।

(ବ) କୌଣସି କାରଣରୁ କୌଣସି କର୍ମକର୍ତ୍ତା ବା ସଭ୍ୟଙ୍କ ସ୍ଥାନ ଖାଲି ରହିଲେ ତାହା ପୂରଣ ହେବା ପର୍ଯ୍ୟନ୍ତ ସମିତି ବା ସଭାର କାର୍ଯ୍ୟ ଅବୈଧ ହେବ ନାହିଁ।

୧୨ – ସଭାପତିଙ୍କ କାର୍ଯ୍ୟ – (କ) ମୁକ୍ତିମଣ୍ଡପ ପଣ୍ଡିତ ସଭା ତଥା କାର୍ଯ୍ୟ ନିର୍ବାହିକା ସମିତିର ପ୍ରତ୍ୟେକ ଅଧିବେଶନରେ ସଭାପତିତ୍ୱ କରି କାର୍ଯ୍ୟ ପରିଚ୍ଳାଳନା କରିବେ।

(ଖ) କୌଣସି ବିଷୟରେ ସିଦ୍ଧାନ୍ତ ପାଇଁ ଭୋଟ ଗ୍ରହଣ ବେଳେ ପକ୍ଷ ଓ ବିପକ୍ଷରେ ସମାନ ସଂଖ୍ୟକ ଭୋଟ ହେଲେ ନିଜର ସ୍ୱତନ୍ତ୍ର ଭୋଟ ଦେଇପାରିବେ ଏବଂ ତଦନୁସାରେ ସିଦ୍ଧାନ୍ତ ଗ୍ରହଣ କରାଯିବ।

(ଗ) ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉଦ୍ଦେଶ୍ୟ ସାଧନରେ ଦିଗ୍‌ଦର୍ଶନ ଓ ଉପଦେଶ ଦେଇପାରିବେ।

୧୩ – ସଂପାଦକଙ୍କ କାର୍ଯ୍ୟ :– ମୁକ୍ତିମଣ୍ଡପ ପଣ୍ଡିତ ସଭା ଓ କାର୍ଯ୍ୟ ନିର୍ବାହିକା ସମିତିର ସମସ୍ତ କାର୍ଯ୍ୟ ନିର୍ବାହ କରିବେ। ସଭା ଓ ସମିତିର ଅଧିବେଶନ ଡାକିବେ ଓ କର୍ମସୂଚୀ ପ୍ରସ୍ତୁତ କରିବେ। ଅନୁଷ୍ଠାନର ଆୟ ବ୍ୟୟର ହିସାବ ରଖିବେ। ବିବରଣୀମାନ ସୁରକ୍ଷା କରି ଯଥା ସମୟରେ ଉପସ୍ଥାପିତ କରିବେ ଏବଂ ନୀତି ନିର୍ଦ୍ଧାରଣ ଅନୁଯାୟୀ ସମସ୍ତ କାର୍ଯ୍ୟ ସଂପାଦନ କରିବେ। ଉପ-ସମିତି ମାନଙ୍କର କାର୍ଯ୍ୟ ପରିଚ୍ଳାଳନା କରି ବୈଧାନିକ ପରାମର୍ଶ ଦେବେ। କାର୍ଯ୍ୟ ନିର୍ବାହିକା ସମିତିର ନିର୍ଦ୍ଦେଶ କ୍ରମେ ସମସ୍ତ କାର୍ଯ୍ୟ ସଂପାଦନ କରିବେ।

Digitized by PPRACHIN, SOA

ସାମୟିକ ବ୍ୟୟ ନିମିତ୍ତ ସଂପାଦକ ନିଜ ହାତରେ ଏକକାଳୀନ ଟ୫୦=୦୦ (ପଚ଼ାଶ ଟଙ୍କା) ରଖି ପାରିବେ।

୧୪ – ସହଯୋଗୀ ସଂପାଦକଙ୍କ କାର୍ଯ୍ୟ :– ସଂପାଦକଙ୍କୁ ତାଙ୍କର ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିବେ। ସଂପାଦକ ଇଚ୍ଛା କଲେ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି।

୧୫ – ଉପ-ସଂପାଦକଙ୍କ କାର୍ଯ୍ୟ :– ସଂପାଦକଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ। ସଂପାଦକଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇପାରନ୍ତି।

୧୬ – ସମୀକ୍ଷକଙ୍କ କାର୍ଯ୍ୟ :– ବାର୍ଷିକ ଅଧିବେଶନ ପୂର୍ବରୁ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଆୟ, ବ୍ୟୟ ସମୀକ୍ଷା କରି ନିଜର ଲିଖିତ ମନ୍ତବ୍ୟ ସଂପାଦକଙ୍କୁ ପ୍ରଦାନ କରିବେ। ତାହା କାର୍ଯ୍ୟ ନିର୍ବାହିକା ସମିତିରେ ଆଲୋଚ଼ନା ହୋଇ ବାର୍ଷିକ ଅଧିବେଶନରେ ଉପସ୍ଥାପିତ ହେବ।

୧୭ – ଉପ-ସମିତି ମାନଙ୍କର ଗଠନ ଓ କାର୍ଯ୍ୟ :- (କ) କାର୍ଯ୍ୟ ନିର୍ବାହିକା ସମିତି ବର୍ଷ ଆରମ୍ଭରୁ ନିମ୍ନଲିଖିତ ଉପ ସମିତିମାନ ଗଠନ କରିବେ। (୧) ଅର୍ଥ ସଂଗ୍ରହ, (୨) ଗୃହ ନିର୍ମାଣ (୩) ସାଂସ୍କୃତିକ ଅନୁଷ୍ଠାନ ଓ ପ୍ରଚ଼ାର (୪) ବ୍ୟବସ୍ଥା ଦାନ (୫) ପୁସ୍ତକାଳୟ (୬) ମୁକ୍ତିମଣ୍ଡପର ଶାନ୍ତି ଶୃଙ୍ଖଳା ରକ୍ଷଣ (୭) ଷୋଳ ଶାସନ ଭୋଗ

(ଖ) ପ୍ରତ୍ୟେକ ଉପ ସମିତିରେ ସଭାପତି ଓ ସଂପାଦକଙ୍କ ବ୍ୟତୀତ ୫ ଜଣ ସଭ୍ୟ କାର୍ଯ୍ୟ ନିର୍ବାହିକା ସମିତି ଦ୍ୱାରା ମନୋନୀତ ହେବେ।

(ଗ) ଉପସମିତି ମାନ ମୁକ୍ତିମଣ୍ଡପ ପଣ୍ଡିତ ସଭାର ମୌଳିକ ନୀତି ଓ ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ରଖି ଓ କାର୍ଯ୍ୟ ନିର୍ବାହିକା ସମିତିର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ।

(ଘ) କାର୍ଯ୍ୟ ନିର୍ବାହିକା ସମିତିର ଅଧିବେଶନର ନିୟମାବଳୀ ଉପ ସମିତିର ଅଧିବେଶନ ପାଇଁ ପ୍ରଯୁଜ୍ୟ ହେବ।

(ଙ) ବ୍ୟବସ୍ଥାଦାନ ଉପ ସମିତି ବ୍ୟତୀତ ଅନ୍ୟ ଉପ-ସମିତି ମାନଙ୍କରେ ସ୍ଥିରୀକୃତ ବିଷୟମାନ କାର୍ଯ୍ୟ ନିର୍ବାହିକା ସମିତିର ଅନୁମୋଦନ କ୍ରମେ କାର୍ଯ୍ୟକାରୀ ହେବ। ବ୍ୟବସ୍ଥା ଦାନ ଉପ-ସମିତିର ବିବାଦମାନ ବିଷୟ କାର୍ଯ୍ୟ ନିର୍ବାହିକା

Digitized by PPRACHIN, SOA

ସମିତିରେ ବିଚାର କରାଯାଇ ସ୍ଥିରୀକୃତ ହେବ।

(ଚ) ଉପ-ସମିତିମାନ ଆବଶ୍ୟକ ସ୍ଥଳେ ସର୍ବାଧିକ ତିନି ଜଣ ପରାମର୍ଶଦାତା ସଭ୍ୟ ଗ୍ରହଣ କରି ପାରିବେ।

(ଛ) ସଂପାଦକ ପ୍ରତ୍ୟେକ ଉପ ସମିତିର ଆବାହକ ହେବେ।

(ଜ) ଉପ ସମିତିର ପ୍ରତ୍ୟେକ ଅଧିବେଶନରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଭାପତି ସଭାପତିତ୍ୱ କରିବେ। ତାଙ୍କର ଅନୁପସ୍ଥିତିରେ ଉପସ୍ଥିତ ସଭ୍ୟ ମାନଙ୍କ ମଧ୍ୟରୁ ଜଣେ ନିର୍ବାଚିତ ବ୍ୟକ୍ତି ସେଇ ଦିନର ସଭା କାର୍ଯ୍ୟ ପରିଚାଳନା କରିବେ।

୧୮ – ବିବିଧ :– (କ) ଅନୁଷ୍ଠାନର ପାଣ୍ଠି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଅନ୍ୟ କୌଣସି ସିଡୁଲ ବ୍ୟାଙ୍କରେ ସେଭିଙ୍ଗସ୍ ଆକାଉଣ୍ଟରେ ଗଚ୍ଛିତ ରହିବ।

(ଖ) ଅନୁଷ୍ଠାନର ପାଣ୍ଠି ସଂପାଦକ ଓ କାର୍ଯ୍ୟ ନିର୍ବାହିକା ସମିତିର ମନୋନୀତ ଜଣେ ସଭ୍ୟଙ୍କ ନାମରେ ଜମା ହେବ ଏବଂ ଉଭୟଙ୍କ ସ୍ୱାକ୍ଷରରେ ଓ୍ୱାପସ ଅଣାଯାଇ ବ୍ୟୟ କରାଯିବ।

(ଗ) ଅନୁଷ୍ଠାନର ଚାନ୍ଦା ଆଦାୟ କରିବାକୁ ଭାରପ୍ରାପ୍ତ ବ୍ୟକ୍ତିମାନେ ପୁରୀ ସହରରେ ସଂଗୃହୀତ ଅର୍ଥକୁ ଦୁଇ ଦିନ ମଧ୍ୟରେ ଏବଂ ଅନ୍ୟ ସ୍ଥାନରୁ ସଂଗୃହୀତ ଅର୍ଥକୁ ସାତ ଦିନ ମଧ୍ୟରେ ସଂପାଦକଙ୍କ ନିକଟକୁ ପଠାଇବେ।

(ଘ) ମୁକ୍ତିମଣ୍ଡପ ପଣ୍ଡିତ ସଭା ବା କାର୍ଯ୍ୟ ନିର୍ବାହିକା ସମିତିର ଅଧିବେଶନ ଆବଶ୍ୟକ ନିମ୍ନତମ ସଭ୍ୟଙ୍କର ଅନୁପସ୍ଥିତ ଯୋଗୁଁ ନିର୍ଦ୍ଦିଷ୍ଟ ଦିନରେ ହୋଇ ନ ପାରିଲେ ପଞ୍ଚମ ଦିବସକୁ ସ୍ଥଗିତ ରହିବ। ସେଦିନ ନିମ୍ନତମ ସଭ୍ୟଙ୍କର ଉପସ୍ଥିତି ଆବଶ୍ୟକ ହେବ ନାହିଁ।

(ଙ) ମୁକ୍ତିମଣ୍ଡପାଧିକାରୀ ଶାସନ ମାନଙ୍କରେ ଗ୍ରାମ୍ୟ ସମିତିମାନ ପ୍ରୋକ୍ତ ଶାଖା ଅନୁଷ୍ଠାନ ରୂପେ କାର୍ଯ୍ୟକାରୀ ହେବ ଏବଂ ସେମାନଙ୍କ ସଙ୍ଗେ ଯଥା ସଂପର୍କ ରକ୍ଷା କରାଯାଇ ସନାତନ ଧର୍ମ ସାଂସ୍କୃତିକ ପ୍ରଚାର କରାଯିବ।

(ଚ) ସଂପାଦକ ଯଥା ସମୟରେ କାର୍ଯ୍ୟ ନିର୍ବାହିକା ସମିତିର ଅଧିବେଶନ ନ ଡାକିଲେ ସଭାପତି ବା କାର୍ଯ୍ୟନିର୍ବାହିକା ସମିତିର ଅନ୍ୟୁନ ୧୨ ଜଣ ସଭ୍ୟ ଅଧିବେଶନ ଡାକି ପାରିବେ।

Digitized by PPRACHIN, SOA

(ଛ) କୌଣସି କାରଣ ବଶତଃ ବାର୍ଷିକ ଅଧିବେଶନ ନିର୍ଦ୍ଦିଷ୍ଟ ଦିବସରେ ଅନୁଷ୍ଠିତ ହୋଇ ନ ପାରିଲେ ପୂର୍ବ ସଭା ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ।

(ଜ) ଶ୍ରୀମନ୍ଦିର ପରିଚାଳନା କମିଟି ମୁକ୍ତିମଣ୍ଡପ ପଣ୍ଡିତ ସଭା ବା କାର୍ଯ୍ୟ ନିର୍ବାହିକା ସମିତିର ସୁପାରିଶ କ୍ରମେ ମୁକ୍ତିମଣ୍ଡପାଧିକାରୀ ଯେ କୌଣସି ବ୍ୟକ୍ତିଙ୍କ ପ୍ରତି ତାଙ୍କର ଦୋଷପାଇଁ ଦଣ୍ଡ ବିଧାନ କରି ପାରିବେ।

୧୯ – ନିର୍ବାଚନ ଓ ମନୋନୟନ ପ୍ରଭୃତିର ନିୟମାବଳୀ

(କ) ଶାସନମାନଙ୍କରୁ ପ୍ରତିନିଧି ନିର୍ବାଚନ :– ପ୍ରତି ମୁକ୍ତିମଣ୍ଡପାଧିକାରୀ ଶାସନର ସାବାଳକ ବ୍ରାହ୍ମଣମାନେ ନିଜ ସଂଖ୍ୟାର ପ୍ରତି ୫୦ (ପଚାଶ) ଜଣ ବ୍ୟକ୍ତିଙ୍କ ପାଇଁ ଏକ ଜଣ ହିସାବରେ ମୁକ୍ତିମଣ୍ଡପ ପଣ୍ଡିତ ସଭାପାଇଁ ପ୍ରତିନିଧି ନିର୍ବାଚନ କରିବେ। ନିର୍ବାଚିତ ପ୍ରତିନିଧିଙ୍କ ନାମ, ପିତାଙ୍କ ନାମ, ବୟସ, ତାଙ୍କର ସମ୍ମତି ସୂଚକ ସ୍ୱାକ୍ଷର ଶାସନର ନାମ, ଶାସନର ସାବାଳକ ବ୍ରାହ୍ମଣଙ୍କ ସଂଖ୍ୟା ଏବଂ ନିର୍ବାଚନ ସଭାର ସଭାପତି ତଥା ଅନ୍ୟ ତିନିଜଣ ଉପସ୍ଥିତ ସଭ୍ୟଙ୍କର ସ୍ୱାକ୍ଷର ସହ ନିର୍ଦ୍ଧାରିତ ସଭ୍ୟଙ୍କ ତାଲିକା ଓ ତତ୍ ସଂପୃକ୍ତ ପ୍ରସ୍ତାବର ନକଲ ମୁକ୍ତିମଣ୍ଡପ ପଣ୍ଡିତ ବାର୍ଷିକ ଅଧିବେଶନରେ ଅନ୍ତତଃ ଏକ ମାସ ପୂର୍ବରୁ ସଂପାଦକଙ୍କ ନିକଟରେ ପହଞ୍ଚିବ।

ଯଦି କୌଣସି ଶାସନର ନିର୍ବାଚନ ସଂପର୍କରେ କାହାର କିଛି ଆପତ୍ତି ବା ଅଭିଯୋଗ ଥାଏ ତେବେ ତାହା ଲିଖିତ ଭାବରେ ଅନ୍ତତଃ ୫ ଜଣ ସାବାଳକ ବ୍ରାହ୍ମଣଙ୍କ ସ୍ୱାକ୍ଷରରେ ଗ୍ରାମ ନିର୍ବାଚନରେ ଏକ ସପ୍ତାହ ମଧ୍ୟରେ ସଂପାଦକଙ୍କ ନିକଟରେ ପହଞ୍ଚିବା ଦରକାର। ଏପରି ଅଭିଯୋଗ ପାଇଲେ ସଂପାଦକ କାର୍ଯ୍ୟ ନିର୍ବାହିକା ସମିତିର ଜଣେ ସଭ୍ୟଙ୍କୁ ଉକ୍ତ ଶାସନକୁ ପଠାଇବେ। ସେ ଅଭିଯୋଗ ସମ୍ବନ୍ଧରେ ଅନୁସନ୍ଧାନ କରି ତାହାର ଯଥାର୍ଥତା ଉପଲବ୍ଧି କଲେ ପୁନର୍ବାର ଗ୍ରାମ ସଭା ଡକାଇ ସାନି ନିର୍ବାଚନ କରାଇବେ। ସେଥିରେ ଯେଉଁମାନେ ନିର୍ବାଚିତ ହେବେ ସେହିମାନେ ହିଁ ପ୍ରକୃତ ପ୍ରତିନିଧି ବୋଲି ବିବେଚିତ ହେବେ।

(ଖ) ମନୋନୀତ ସଭ୍ୟ ଗ୍ରହଣ :– ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ସ୍ୱ ସଂଖ୍ୟାର ଏକ ତୃତୀୟାଂଶ ସଭ୍ୟ କାର୍ତ୍ତିକ ମାସ ଶୁକ୍ଳ ସପ୍ତମୀ ଦିନ ଷୋଳ ଶାସନ ଭୋଗ ଦିନ ସାଧାରଣ ଅଧିବେଶନରେ ମନୋନୀତ ହେବେ।

Digitized by PPRACHIN, SOA

ଏହି ମନୋନୟନ ପୂର୍ବରୁ କାର୍ଯ୍ୟ ନିର୍ବାହିକା ସମିତି ବିଚାର କରି ନିର୍ଦ୍ଦିଷ୍ଟ ସଂଖ୍ୟକ ସଭ୍ୟଙ୍କ ଅପେକ୍ଷା ଦଶ ଜଣ ବ୍ୟକ୍ତିଙ୍କ ନାମ ସେମାନଙ୍କର ସ୍ୱୀକୃତି ସହ ଉପସ୍ଥାପିତ କରିପାରନ୍ତି। ପ୍ରତିନିଧିମାନେ ଏମାନଙ୍କ ମଧ୍ୟରୁ ନିର୍ଦ୍ଦିଷ୍ଟ ସଂଖ୍ୟକ, ଏକାଧିକ ବା ଅନ୍ୟ ବ୍ୟକ୍ତିଙ୍କୁ ମନୋନୀତ କରି ପାରନ୍ତି। ତେବେ ମନୋନୀତ ବ୍ୟକ୍ତିଙ୍କର ପୂର୍ବରୁ ସ୍ୱୀକୃତି ଆବଶ୍ୟକ।

(ଗ) କାର୍ଯ୍ୟ ନିର୍ବାହିକା ସମିତିର ସଭ୍ୟ ନିର୍ବାଚନ :– କାର୍ଯ୍ୟ ନିର୍ବାହିକା ସମିତିର ୩୫ (ପଞ୍ଚତିରିଶି) ଜଣ ସଭ୍ୟଙ୍କ ମଧ୍ୟରୁ ସଭାପତି, ଉପସଭାପତି, ସଂପାଦକ, ସହଯୋଗୀ ସଂପାଦକ, ଦୁଇଜଣ ଉପସଂପାଦକ, ସମୀକ୍ଷକ ଏପରି ମୋଟ୍ ୭ଜଣ କର୍ମକର୍ତ୍ତା ପ୍ରଥମେ ନିର୍ବାଚିତ ହେବେ। ଏଥିପାଇଁ ପୂର୍ବ କାର୍ଯ୍ୟ ନିର୍ବାହିକା ସମିତି ନିଜର ପ୍ରସ୍ତାବ ଉପସ୍ଥାପିତ କରି ପାରନ୍ତି। ବାର୍ଷିକ ଅଧିବେଶନରେ ଅନ୍ୟ ନାମ ମଧ ଉପସ୍ଥାପିତ ହୋଇପାରିବ। ଆଲୋଚନାପରେ ଯଦି ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ ଏକାଧିକ ନାମ ପ୍ରସ୍ତାବିତ ହୁଏ, ତେବେ ଭୋଟ ଗ୍ରହଣ କରାଯିବ ଏବଂ ଯେଉଁ ବ୍ୟକ୍ତି ସର୍ବାଧିକ ଭୋଟ ପାଇବେ ସେ ନିର୍ବାଚିତ ହେବେ।

ଉପରୋକ୍ତ ପ୍ରଣାଳୀ ଅନ୍ୟ ୨୮ (ଅଠେଇଶି) ଜଣ ସଭ୍ୟ ନିର୍ବାଚନ ପାଇଁ ମଧ ପ୍ରଯୁଜ୍ୟ ହେବ।

(ଘ) ପୂର୍ବ କାର୍ଯ୍ୟ ନିର୍ବାହିକା ସମିତି ପରାମର୍ଶ ଦାତା ସଭ୍ୟରୂପେ ୯ (ନଅ) ଜଣ ବ୍ୟକ୍ତିଙ୍କ ନାମ ବାର୍ଷିକ ସାଧାରଣ ସଭାରେ ଉପସ୍ଥାପିତ କରିବେ। ସଭା ତାହା ଗ୍ରହଣ କରି ପାରନ୍ତି ବା ନୂତନ ନାମ ପ୍ରସ୍ତାବ କରି ପାରନ୍ତି। ଆଲୋଚନା ପରେ ନଅ ଜଣ ସର୍ବସମ୍ମତ ବ୍ୟକ୍ତି ସ୍ଥିର ହୋଇ ନ ପାରିଲେ ଭୋଟ ଗ୍ରହଣ କରାଯାଇ ସ୍ଥିରୀକୃତ ହେବ

୨୦ – ପୃଷ୍ଠପୋଷକ – ମୁକ୍ତିମଣ୍ଡପାଧିକାରୀ ଶାସନ ମାନଙ୍କର ପ୍ରତିଷ୍ଠାତା ଗଜପତି ମହାରାଜା, ପୁରୀ ଏ ସଭାର ସର୍ବ ପ୍ରଧାନ ପୃଷ୍ଠପୋଷକ।

ସଂପ୍ରତି ମୁକ୍ତିମଣ୍ଡପ ପଣ୍ଡିତ ସଭା ସଂବିଧାନର ସଂଶୋଧନ କରାଯିବାର ପ୍ରସ୍ତାବ ରହିଛି। ଏହା ସାଧାରଣ ସଭାରେ ଗୃହୀତ ହେବାପରେ କାର୍ଯ୍ୟକାରୀ କରାଯିବ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭାର ପୂର୍ବତନ ସଂପାଦକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଏହି ଲେଖକଙ୍କ ନିକଟରେ ପ୍ରକାଶ କରିଛନ୍ତି।

ମୁକ୍ତିମଣ୍ଡପ ପଣ୍ଡିତ ସଭାର ଜନୈକ କର୍ମକର୍ତ୍ତା ବକ୍ତବ୍ୟ ଅନୁଯାୟୀ ଏହାର

Digitized by PPRACHIN, SOA

ସଭ୍ୟ ସଂଖ୍ୟା ପ୍ରାୟ ୨୦୦ ବୋଲି ଜଣାଯାଇଛି ଏବଂ ପଣ୍ଡିତ ସଭା ନାମରେ ପ୍ରାୟ ଦୁଇ ଏକର ଭୂ-ସଂପତ୍ତି ରହିଅଛି। ବର୍ତ୍ତମାନ ମୁକ୍ତିମଣ୍ଡପ ପଣ୍ଡିତ ସଭାର ବିଭିନ୍ନ କାର୍ଯ୍ୟ ମଧ୍ୟରେ ପ୍ରତିବର୍ଷ ଓଡ଼ିଶାରେ ପ୍ରଚଳିତ ଏକ ନିର୍ଦ୍ଦିଷ୍ଟ ପାଞ୍ଜିରେ ଉଲ୍ଲେଖ ଥିବା ତିଥି, ନକ୍ଷତ୍ର, ପର୍ବ, ପର୍ବାଣୀ ଆଦି ଠିକ୍ ଅଛି କି ନାହିଁ ଯାଞ୍ଚ କରିବାପରେ ପଣ୍ଡିତ ସଭା ପକ୍ଷରୁ ସଭାପତି ଓ ସଂପାଦକ ଏକ ପ୍ରମାଣ ପତ୍ର ପ୍ରଦାନ କରିଥାନ୍ତି।

ଶ୍ରୀମନ୍ଦିରରେ ଅବସ୍ଥିତ ଏହି ସୁପ୍ରାଚୀନ ଅନୁଷ୍ଠାନ ଦିନେ ଉତ୍କଳର ଶ୍ରେଷ୍ଠ ବିଦ୍ୱାନ ତଥା ପଣ୍ଡିତ ବ୍ରାହ୍ମଣ ବର୍ଗମାନଙ୍କର ସଭା ଥିଲା। ବର୍ତ୍ତମାନ "ମୁକ୍ତିମଣ୍ଡପ"ର ପୂର୍ବ ଗୌରବ ପ୍ରଭାବ ବହୁ ପରିମାଣରେ ହ୍ରାସ ପାଇଅଛି।

□ □ □

Digitized by PPRACHIN, SOA



ପରିଶିଷ୍ଟ – ଜ

Digitized by PPRACHIN, SOA

ପରିଶିଷ୍ଟ – ଖ

ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପୁସ୍ତକରୁ ଉଦ୍ଧୃତ ହୋଇଥିବା ଅବିଭକ୍ତ ପୁରୀ ଜିଲ୍ଲାର କେତେକ ପ୍ରଧାନ ପ୍ରଧାନ ଶାସନମାନଙ୍କ ନାମ :–

୧. ବୀର ହରେକୃଷ୍ଣପୁର
୨. ବୀର ବଳଭଦ୍ରପୁର
୩. ବୀର ନରସିଂହପୁର
୪. ବିଶ୍ୱନାଥପୁର
୫. ବୀର କେଶରୀପୁର
୬. ବୀର ପୁରୁଷୋତ୍ତମପୁର
୭. ଶ୍ରୀରାମଚନ୍ଦ୍ରପୁର
୮. ନୀଳାମ୍ବରପୁର
୯. ବାସୁଦେବପୁର
୧୦. ଦାମୋଦରପୁର
୧୧. ରାୟଚକ୍ରଧରପୁର
୧୨. ବୀର ପ୍ରତାପପୁର
୧୩. ପ୍ରତାପ ପୁରୁଷୋତ୍ତମପୁର
୧୪. ଜଗନ୍ନାଥ ବିଦ୍ୟାଧରପୁର
୧୫. ପ୍ରତାପ ରାମଚନ୍ଦ୍ରପୁର
୧୬. କହ୍ନେଇ ବିଦ୍ୟାଧରପୁର
୧୭. ଦାସ ବିଦ୍ୟାଧରପୁର
୧୮. ବୀରଗୋବିନ୍ଦପୁର
୧୯. ଭୀମଦାସପୁର
୨୦. ଗଙ୍ଗା ନାରାୟଣପୁର
୨୧. ବିଜେରାମଚନ୍ଦ୍ରପୁର
୨୨. ମାଳତିପାଟପୁର
୨୩. ଧୋମପାଳିପୁର
୨୪. କପିଳେଶ୍ୱରପୁର
୨୫. ଉଭୟମୁଖୀ ରାମଚନ୍ଦ୍ରପୁର

Digitized by PPRACHIN, SOA

୨୬. ଗୋକୁଳପୁର
୨୭. କାଶୀହରିହରପୁର
୨୮. କାଶୀ ଜଗନ୍ନାଥପୁର (କୋରୁଅ)
୨୯. ଭୁଇଁପୁର (ଭୀଇଁପୁର)
୩୦. ଶ୍ରୀପୁରୁଷୋତ୍ତମପୁର—ପ୍ର-ଲେମ୍ବେଇ
୩୧. ଦେଏପୁର
୩୨. ଶ୍ରୀମୁକୁନ୍ଦପୁର ପ୍ର-ସିରେଇ
୩୩. ଲଳିତା ପାଟପୁର,
୩୪. ସରିକିଆ ବୀରକିଶୋରପୁର,
୩୫. ମୈତ୍ରୀ ତ୍ରିଲୋଚନପୁର,
୩୬. ସତ୍ୟଭାମାପାଟପୁର,
୩୭. ମାଣିବନ୍ଧାପାଟପୁର (ପାଞ୍ଚଗଡ଼ ଖୋର୍ଦ୍ଧା)
୩୮. ମୁକୁନ୍ଦପୁର
୩୯. ଜଗନ୍ନାଥପୁର
୪୦ ମାଣିକଗୋପ ଦିବ୍ୟସିଂହପୁର
୪୧. ଇଚ୍ଛାପୁର
୪୨. ବଡ଼ ପୋଖରିଆ ଗୋପୀନାଥପୁର
୪୩. ଅଚ୍ୟୁତରାଜପୁର (ବାଣପୁର ଖୋର୍ଦ୍ଧା)
୪୪. କୁଶତିପା ଜଗନ୍ନାଥପୁର
୪୫. ଗୋପାଳପୁର
୪୬. ସାମନ୍ତରାପୁର
୪୭. ଜୀବନଦେଇପୁର
୪୮. ଗଙ୍ଗାଧରପୁର
୪୯. ଛୋଟରାୟପୁର
୫୦. ଶ୍ରୀନିବାସପୁର
୫୧. ବସନ୍ତପୁର

Digitized by PPRACHIN, SOA

ପରିଶିଷ୍ଟ – ଗ

ସହାୟକ ପୁସ୍ତକ ଓ ବ୍ୟକ୍ତିବିଶେଷ :

ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥତତ୍ତ୍ୱ
ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ
ଶ୍ରୀମନ୍ଦିର ସ୍ୱତ୍ୱଲିପି
ଶ୍ରୀକ୍ଷେତ୍ର ଦର୍ଶନ
ଉତ୍କଳ ଇତିହାସ
ଓଡ଼ିଶା ଇତିହାସ (ପୃ-୩୮୫)
ଖୁରୁଧା ଇତିହାସ (ପୃ-୧୬,୧୭)
ଉତ୍କଳ ଦୀପିକା— ୧୯୦୫,୧୯୧୨,୧୯୧୩, ୧୯୧୭, ୧୯୨୬ ମସିହା (ସୌଜନ୍ୟ – ରାଜ୍ୟ ଅଭିଲେଖାଗାର, ଓଡ଼ିଶାରୁ ସଂଗୃହୀତ)
ପୂର୍ଣ୍ଣଚନ୍ଦ୍ର ଭାଷାକୋଷ
ପତିତପାବନ – ୧୯୮୬ (ପୃ-୨୦)
ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ
ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର
ଡଃ ସତ୍ୟନାରାୟଣ ରାଜଗୁରୁ
ଶ୍ରୀମନ୍ଦିର ପୁରୋହିତ ପଣ୍ଡିତ ହରିହର ମହାପାତ୍ର
ଶ୍ରୀଯୁକ୍ତ କେଶବ ଚନ୍ଦ୍ର ରାଜଗୁରୁ
ଶ୍ରୀଯୁକ୍ତ ମହୀମୋହନ ତ୍ରିପାଠୀ
ଶ୍ରୀମତୀ ବସନ୍ତ କୁମାରୀ ଦେବୀ

Digitized by PPRACHIN, SOA

ସଦ୍‌ଗ୍ରନ୍ଥ ନିକେତନ ଦ୍ୱାରା ପ୍ରକାଶିତ ପୁସ୍ତକାବଳୀ

୧. • ପାଠରତ୍ନମ୍

୨. ନୀଳାଦ୍ରୀଶ ଚଉତିଶା

୩. ଶ୍ରୀକ୍ଷେତ୍ର ଦର୍ଶନ

୪. ଶ୍ରୀଜଗନ୍ନାଥ ଭଜନମାଳା

୫. ବିଷ୍ଣୁସହସ୍ରନାମସ୍ତୋତ୍ରମ (ଶ୍ରଦ୍ଧାବ୍ୟାଖ୍ୟା ସହିତ)

୬. ଶ୍ରୀଜଗନ୍ନାଥ ଧାମ, ପୁରୀ (ହିନ୍ଦୀ)

୭. ଶ୍ରୀକ୍ଷେତ୍ର ଦର୍ଶନ (ବଙ୍ଗଳା)

୮. ଆଦର୍ଶ ଶ୍ଲୋକାର୍ଥ ଦୀପିକା

୯. ମୁକ୍ତିମଣ୍ଡପ ଓ ପଣ୍ଡିତ ସଭା

୧୦. ଗୀତା ଦର୍ପଣ (ସଚିତ୍ର)

୧୧. ଶ୍ରୀମଦ୍‌ଭଗବଦ୍‌ଗୀତା (ଗଦ୍ୟ ଓ ପଦ୍ୟାନୁବାଦ ସହିତ)

୧୨. ଶ୍ରୀମଦ୍‌ଭଗବଦ୍‌ଗୀତା (ମୂଳମାତ୍ରମ୍)

୧୩. ଶ୍ରୀମନ୍ଦିର ବେଢ଼ା ପରିକ୍ରମା ବିଧାନ (ସଚିତ୍ର)

14. A Brief Look at Sri Jagannath Temple.

15. Sri Jagannath Temple At a Glance

Digitized by PPRACHIN, SOA